



ଭଦ୍ରକର ପ୍ରସିଦ୍ଧ କାଳୀପୂଜା ଭସାଣି ଉତ୍ସବ: ବୁଧବାର ବିସର୍ଜନ ପାଇଁ ମା' କାଳୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି। (ବାମ) ବାଜୁଛି ପାରମ୍ପରିକ ବାଦ୍ୟ।

# ପାରମ୍ପରିକ ବାଦ୍ୟରେ ମେଲାଣି ନେଲେ ମା' କାଳୀ

ଭଦ୍ରକ ଅଫିସ, ୬।୧୧

ପ୍ରସିଦ୍ଧ ଭଦ୍ରକ କାଳୀପୂଜାର ବୁଧବାର ଥିଲା ଭସାଣି ଉତ୍ସବ। ଗତ ୨୭ ତାରିଖରୁ ୧୦ ଦିନ ଧରି ପୂଜା ପାଇଆସୁଥିବା ମା' କାଳୀ ମେଲାଣି ନେଇଛନ୍ତି। ପାରମ୍ପରିକ ବାଦ୍ୟ ଓ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମା'ଙ୍କୁ ବିଦାୟ ଦେଇଛନ୍ତି ଭଦ୍ରକବାସୀ। ମଧ୍ୟାହ୍ନ ସୁଦ୍ଧା ସମସ୍ତ ମୃଣ୍ମୟୀ ମୂର୍ତ୍ତିକୁ ପୂଜା ମଣ୍ଡପ କର୍ତ୍ତୃପକ୍ଷ ବିସର୍ଜନ କରିଥିଲେ। ମା'ଙ୍କୁ ଶେଷ ଦର୍ଶନ କରିବା ପାଇଁ ସହର ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଶାସନର ନିୟମ ଅନୁସାରେ ଭସାଣିରେ ପାରମ୍ପରିକ ବାଦ୍ୟବାଜଣାରେ ମା' ଙ୍କୁ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଶୋଭାଯାତ୍ରା ବେଳେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ଭଦ୍ରକ ସହରରେ ୧୦ଦିନ ଧରି ମା'ଙ୍କୁ ୯ଟି ଅସ୍ଥାୟୀ ମଣ୍ଡପରେ ଆବାହନ କରି ସ୍ୱତନ୍ତ୍ର ପୂଜା ପାଠ କରାଯାଇଥିଲା। ଚଳିତବର୍ଷ ପାଣିପାଗ ଭଲ ଥିବାରୁ କାଳୀପୂଜା ମାହୋଲକୁ ବେଶ୍ ଉପଭୋଗ କରିଛନ୍ତି ଜିଲା ଓ ଜିଲା ବାହାରର ଲକ୍ଷାଧିକ ଶ୍ରଦ୍ଧାଳୁ। ପୂଜା ପାଇଁ ଚରମ୍ପା ଅଞ୍ଚଳ ପ୍ରତ୍ୟେହ ଚଳଚଞ୍ଚଳ ହୋଇଉଠିଥିଲା। ଚରମ୍ପା ଅଞ୍ଚଳର ଷ୍ଟେଶନ ରୋଡ୍, ପିଡବ୍ଲ୍ୟୁଆଇ, ଓଏସ୍ଆର୍‌ଟିସି, ଡଗରାସାହି, ସ୍କୁଲରୋଡ୍, ବିଶାଣି ଖରିଦା ଓ ତେଲେଙ୍ଗାସାହିର ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଚଳିତବର୍ଷ ଚରମ୍ପା କେନାଲରେ ବିସର୍ଜନ କରାଯାଇଛି। ଏରେଇଁସ୍ଥିତ ମୂର୍ତ୍ତିକୁ ନିକଟରେ ଥିବା ଏକ ପୋଖରୀ ଏବଂ ରାଜଘାଟ ଛକସ୍ଥିତ ମା' କାଳୀଙ୍କୁ ଶୋଭାଯାତ୍ରାରେ କଚେରି ବଜାର ପରିକ୍ରମା କରାଇବା ପରେ ଛପୁଲିଆ କେନାଲରେ ବିସର୍ଜନ କରାଯାଇଛି।

## ୬ ଗାଈ, ବାଛୁରୀ ଜୀବନ୍ତ ଦଗ୍ଧ

ଭଦ୍ରକ ଅଫିସ, ୬।୧୧–ଭଦ୍ରକ ବ୍ଲକ ଗେଲଟୁଆ ପଞ୍ଚାୟତର ଦପା ନାୟକାଣୀ ବଙ୍ଗାଳିସାହିର ଲାଲ ସିଂଙ୍କ ଗୁହାଳ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିସହ ୩ଟି ଗାଈ ଓ ୩ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ବୁଧବାର ସରପଞ୍ଚ ସରୋଜ ଦାସ ପହଞ୍ଚି ରାଜସ୍ୱ ନିରୀକ୍ଷକଙ୍କୁ ଡକାଇ କ୍ଷୟକ୍ଷତି ରିପୋର୍ଟ କରିଥିବା ଜଣାପଡ଼ିଛି। ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### କଲେଜ ଛାତ୍ରଙ୍କ ଆତ୍ମହତ୍ୟା

ଭଣ୍ଡାରିପୋଖରୀ, ୬।୧୧(ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଦକ୍ଷିଣବାଡ଼ ପଞ୍ଚାୟତ ପାଳଦା ଗ୍ରାମର ଜଣେ କଲେଜ ଛାତ୍ର ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ଭଣ୍ଡାରିପୋଖରୀ କଲେଜର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ସେ ବୁଧବାର ସକାଳେ ରଶି ଲଗାଇ ଦେଇଥିଲେ। ସେମାନେ ତାଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଅଭିଯୋଗ କରାଯାଇ ନାହିଁ।

### ଛାତ୍ରୀଙ୍କୁ ଆକ୍ରମଣ ଅଭିଯୋଗ: ୩ ଗିରଫ

ଧାମନଗର, ୬।୧୧ (ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର ବ୍ଲକ ଦଇପୁର ଅଞ୍ଚଳର ଜଣେ ଛାତ୍ରୀଙ୍କୁ ମଙ୍ଗଳବାର ଆକ୍ରମଣ କରାଯାଇଥିଲା। ପରେ ତାଙ୍କୁ ଆଣି ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଛାତ୍ରୀଙ୍କ ଅଭିଯୋଗ କ୍ରମେ ଧାମନଗର ଥାନା ପୋଲିସ ତଦନ୍ତ ଚଳାଇ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜାଗୁଳାଇ ସାହିର ଅନନ୍ତ ସାହୁ, ଦେବାଶିଷ ସାହୁ ଏବଂ ସଞ୍ଜୟ ନାୟକ। ଏ ନେଇ ଥାନାରେ ଏକ ମାମଲା(ନଂ. ୨୪୧/୧୯) ରୁଜୁ ହୋଇଛି।

### ସାପ କାମୁଡ଼ାରେ କୃଷି ଶ୍ରମିକ ଗୁରୁତର

ବନ୍ତ, ୬।୧୧ (ଡି.ଏନ.ଏ.) - ଭଦ୍ରକ ଜିଲା ବନ୍ତ ବ୍ଲକ ନିଲୋକ ପଞ୍ଚାୟତ ପଳାସଗଡ଼ିଆ ଗ୍ରାମର କୃଷି ଶ୍ରମିକ ନିତ୍ୟାନନ୍ଦ ଯେନା(୫୮) ସାପ କାମୁଡ଼ାରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ମଙ୍ଗଳବାର ପଡ଼ୋଶୀଙ୍କ ଜମିରେ ଘାସ କାଟିବା ପାଇଁ ନିତ୍ୟାନନ୍ଦ ବିଲକୁ ଯାଇଥିଲେ। ମଧ୍ୟାହ୍ନ ସମୟରେ ତାଙ୍କୁ ସାପ କାମୁଡ଼ିଥିବା ଜାଣିବା ପରେ ପରିବାର ଲୋକେ ପ୍ରଥମେ ବନ୍ତ ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ।

### ଦୁର୍ନୀତି ନିବାରଣ ସଚେତନତା

ଭଦ୍ରକ ଅଫିସ, ୬।୧୧- ସ୍ଥାନୀୟ ଯୁକ୍ତ ୨ ବିନାୟକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ରୋଟାରିଆନ ଅତିଶ ବେହେରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ରୋଟାରୀ କ୍ଲବ ମିଡଟାଉନ ଓ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ପ୍ରଥମେ ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା କାର୍ଯ୍ୟରେ ସାଧୁତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଶପଥପାଠ କରାଯାଇଥିଲା। ସଭାରେ 'ସଚ୍ଚୋଟତା ଏକ ଜୀବନଶୈଳୀ' ଶୀର୍ଷକରେ ଆଲୋଚନା ହୋଇଥିଲା। ରୋଟାରିଆନ ବେହେରା ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରଫେସର ବଳରାମ ମିଶ୍ର, ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ ଦାସ ମହାପାତ୍ର ଓ ଇନ୍ସପେକ୍ଟର ସୁଲୋଚନା ନାୟକ ଦୁର୍ନୀତି ନିବାରଣ ସପ୍ତାହର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିନାୟକ କଲେଜ ପକ୍ଷରୁ ମନୋଜ ପାଢ଼ୀ, ଜୀବନାନନ୍ଦ ପାଣିଗ୍ରାହୀ, ପ୍ରଭାତ ପ୍ରଭାକର ପାଢ଼ୀ, ଆଇନଜୀବୀ ଦୀପକ ସାହୁ, ରୋଟାରିଆନ ରତନଲାଲ ଗୁପ୍ତା, ଅଶୋକ ଶତପଥୀ, ଅଶୋକ ଲଖାନୀ ଓ ଇନ୍ଦ୍ରଜିତ ସିଂ ପ୍ରମୁଖ ଯୋଗ ଦେଇଥିଲେ।

# 'କର୍ମଯୋଗୀ ବୈରାଗୀ' ଉନ୍ମୋଚିତ



ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ପଦ୍ମପୁର, ୬।୧୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଚଟରପଦାଠାରେ ଗାୟତ୍ରୀ ମାତା ସଂସ୍କୃତ ମହାବିଦ୍ୟାଳୟଠାରେ ଏହାର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ବୈରାଗୀ ଚରଣ ନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା 'କର୍ମଯୋଗୀ ବୈରାଗୀ' ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଏବଂ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଦ୍ମପୁର ସରପଞ୍ଚ ସ୍ନେହପ୍ରଭା ବିଶ୍ୱାଳ, ଇଂ. ଅଭୟ କୁମାର ସୂତାର, ଡ. କୃପାସିନ୍ଧୁ ନାୟକ, ରତ୍ନାକର ନାୟକ ଓ ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଶିକ୍ଷାବିତ୍ ଆନନ୍ଦଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ କୁଶଦେବ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ପି ମଣ୍ଡଳ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆତ୍ମସଂଯମୀ, ଆଧ୍ୟାତ୍ମିକବାଦୀ ଓ ଶୃଙ୍ଖଳିତ ହୁଅନ୍ତୁ ବୋଲି କହିଥିଲେ। ବିଧାୟକ ରାଉତରାୟ ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ସ୍ୱର୍ଗତ ବୈରାଗୀଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତପ୍ରକାଶ କରିଥିଲେ। ଧାମନଗର ପୂର୍ବତନ ବିଧାୟକ ମଣ୍ଡଳ ଅଞ୍ଚଳର ପ୍ରାକୃତିକ, ସାମାଜିକ, ସାଂସ୍କୃତିକ ତଥା ଆଧ୍ୟାତ୍ମ୍ୟବାଦର ପ୍ରଚାର ଓ ପ୍ରସାର ପାଇଁ ବୈରାଗୀଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଭାଗୀରଥି ବଳ ଅତିଥି ଭାବେ ଉପସ୍ଥିତ ଥିଲେ। ଶେଷରେ ଡ. କୃପାସିନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସେବାକାର୍ଯ୍ୟ ପ୍ରତି ଛାତ୍ରୀଛାତ୍ର ବ୍ରତୀ ହେବା ଦରକାର'

ବାସୁଦେବପୁର, ୬।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁରର ବଂଶୀପାଟଣାସ୍ଥିତ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ଏକ ସ୍ୱତନ୍ତ୍ର ଦିନିକିଆ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ସାମାଜିକ କର୍ମୀ ତଥା ମହାବିଦ୍ୟାଳୟ ପୃଷ୍ଠପୋଷକ ହରିଶ୍ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସେବା ହିଁ ଛାତ୍ରୀଛାତ୍ରଙ୍କ ଜୀବନର ପ୍ରଥମ ଲକ୍ଷ୍ୟ ହେବା ଉଚିତ । ସେମାନେ ସେବା ମନୋଭାବ ରଖି କାର୍ଯ୍ୟ କଲେ ଜୀବନରେ ସଫଳତା ପାଇପାରିବେ। ଏନ୍‌ଏସ୍‌ଏସ୍ ଅଧ୍ୟାପକ ରତ୍ନାକର ପୁଷ୍ଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀ ସଭାରେ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ନୀଳାମ୍ବର ଦୀକ୍ଷିତ, ପ୍ରତାପ କୁମାର ରାଉତ, ପ୍ରମିଳା ଅଗସ୍ତୀ, ଶିକ୍ଷାକର୍ମଚାରୀ ଶ୍ରୀଲତା ମହାକୁଡ଼, ଶ୍ରୁତିକେଶୀ ମହାନ୍ତି, ପ୍ରତାପ କୁମାର ମଳିକ, ସୂର୍ଯ୍ୟକାନ୍ତ କର, ନରହରି ବେହେରା ପ୍ରମୁଖ ଅନ୍ୟ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସଫେଇ କାର୍ଯ୍ୟ ସହିତ ସଚେତନତାମୂଳକ ଶୋଭାଯାତ୍ରା, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ସଚେତନତା, ବୃକ୍ଷ ସୁରକ୍ଷା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

# ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ନନ୍ଦୋର ବିଦ୍ୟାଳୟ ପରିଚାଳନା କମିଟି ଗଠନ ବେଳେ ଉପସ୍ଥିତ ଅଭିଭାବକ ଓ ଅନ୍ୟମାନେ।

ଧାମନଗର, ୬।୧୧(ଡି.ଏନ.ଏ.)

ଧାମନଗର ବ୍ଲକ କଟସାହି ପଞ୍ଚାୟତ ଛତିଶ ନନ୍ଦୋର ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟରେ ଦୀର୍ଘଦିନ ପରେ ବୁଧବାର ପରିଚାଳନା କମିଟି ଗଠନ କରାଯାଇଛି। ଅଭିଭାବକ ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଂ କମିଟି ସଭ୍ୟ ରଘୁନାଥ ଲେଙ୍କା ଏବଂ ଶିବପ୍ରସାଦ ମୁଦୁଲିଙ୍କ ତତ୍ତ୍ୱାବଧାନରେ କମିଟି ସଦସ୍ୟ ଚୟନ କରାଯାଇଥିଲା। ସଦସ୍ୟ ଭାବେ ଶ୍ରୀଧର ଜେନା, ଶଶିକାନ୍ତ ସାହୁ, ଶଶିକାନ୍ତ ବାରିକ, ପ୍ରଶାନ୍ତ ପଣ୍ଡା, କୈଳାସ ମହାଲିକ, ସୁଦର୍ଶନ ନାୟକ, ଜେମାମଣି ଜେନା, ଅସିମା ମାହୁନ୍ତ, ସୋନାଲିକା ଜେନା, ମିନାକ୍ଷୀ ଓଝା, ଅନିତା ପଣ୍ଡା ଓ ରୀନାରାଣୀ ମହାଲିକ ମନୋନୀତ ହୋଇଥିଲେ। ଅଧିକାଂଶ ମହିଳା ସଦସ୍ୟା ଭାବେ ମନୋନୀତ ହୋଇଥିବାରୁ ସୁଚାରୁରୂପେ ବିଦ୍ୟାଳୟ କାର୍ଯ୍ୟ ପରିଚାଳନାରେ ସହଯୋଗ ପାଇଁ ଷ୍ଟାଣ୍ଡିଂ କମିଟି ସଭ୍ୟ ଲେଙ୍କା ନାମ ଘୋଷଣା କରିବା ସହ ଆହ୍ୱାନ ଦେଇଥିଲେ। ସରପଞ୍ଚ ପ୍ରତିନିଧି ରମେଶ ନାୟକ, ସମିତିସଭ୍ୟା ପ୍ରତିନିଧି ସୁଶାନ୍ତ ପଣ୍ଡାଙ୍କ ସମେତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ୱାର୍ଡସଭ୍ୟ ଓ ଆଶାକର୍ମୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଉକ୍ତ ବିଦ୍ୟାଳୟରେ ବିବାଦୀୟ ପରିସ୍ଥିତି ପାଇଁ କମିଟି ଗଠନ ହୋଇ ପାରୁ ନ ଥିଲା। ଫଳରେ ବିଦ୍ୟାଳୟ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ବୁଧବାର ଶାନ୍ତିଶୃଙ୍ଖଳାର ସହିତ କମିଟି ଗଠନ ହୋଇଥିବାରୁ ସମସ୍ତ ଗ୍ରାମବାସୀ ଏହାକୁ ସ୍ୱାଗତ କରିଛନ୍ତି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରସ୍ତୁତି

ଭଦ୍ରକ ଅଫିସ, ୬।୧୧

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ବୁଧବାର ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଏପିଡି ରାଜେନ୍ଦ୍ର କୁମାର ପଣ୍ଡା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁ ଓ ଭାରପ୍ରାପ୍ତ ଜିଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ଭାବ୍ୟ ବାତ୍ୟା 'ବୁଲବୁଲ'କୁ ଆଖି ଆଗରେ ରଖି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀଙ୍କ ସମେତ ସମସ୍ତ ତହସିଲଦାର ଓ ବିଡିଓ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

# ରାଶନ ପାଇଁ ପାର ହେଉଛନ୍ତି ରେଳ ଧାରଣା

ବନ୍ତ, ୬।୧୧ (ଡି.ଏନ.ଏ.)

ଖାଉଟି ସାମଗ୍ରୀ ପାଇଁ ହିତାଧିକାରୀଙ୍କୁ ସବୁବେଳେ ହଇରାଣ ହୋଇ ଯିବାକୁ ପଡୁଛି। ରାସ୍ତା ସୁବିଧା ନ ଥିବାରୁ ବିପଦପୂର୍ଣ୍ଣ ଭାବେ ରେଳ ଧାରଣା ପାର ହୋଇ ରାଶନ ଆଣିବାକୁ ଯାଉଛନ୍ତି ହିତାଧିକାରୀ। ଅନ୍ୟପକ୍ଷେ ରେଳ ଧାରଣା ନ ଦେଇ ରାସ୍ତାରେ ବୁଲିକି ଗଲେ ପ୍ରାୟ ୩କି.ମି. ଯିବାକୁ ପଡୁଛି। ଏଥିରୁ ବାଦ୍ ପଡୁ ନାହାନ୍ତି ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ। ଏଭଳି ଦୃଶ୍ୟ ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ପଞ୍ଚାୟତରେ ଦେଖିବାକୁ ମିଳିଛି। ପଞ୍ଚାୟତର ୧୨ରୁ ୧୬ନଂ ୱାର୍ଡର ରାଶନକାର୍ଡ ହିତାଧିକାରୀମାନେ ଏହିଭଳି ନିଜ ଜୀବନକୁ ବାଜି ଲଗାଇ ଖାଉଟି ସାମଗ୍ରୀ ଆଣିବାକୁ ଯାଇଥାନ୍ତି। ଏ ସମ୍ପର୍କରେ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି।

ଉଲ୍ଲେଖନୀୟ ଯେ, ଗତ ୧୫ ବର୍ଷ ହେବ କେନ୍ଦୁଆପଦା ବଡ଼ବଜାରସ୍ଥିତ ରିଟେଲର କେନ୍ଦ୍ରରୁ ହିତାଧିକାରୀମାନେ ଖାଉଟି ସାମଗ୍ରୀ ପାଇ ଆସୁଥିଲେ। ମାତ୍ର ଗତ ୬ମାସ ଧରି ସମ୍ପୃକ୍ତ ରିଟେଲର କେନ୍ଦ୍ରକୁ ଦେଢ଼ କି.ମି. ଦୂର ଦଣ୍ଡୋ–ପଛତୀରା ସୀମାକୁ ସ୍ଥାନାନ୍ତର କରାଯାଇଛି। ଏହି ୱାର୍ଡର ଶତାଧିକ ହିତାଧିକାରୀ ସେଠାକୁ ଯାଉଥିବା ବେଳେ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ରେଳ ଧାରଣା ପାର ହେବାକୁ ପଡୁଛି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ହିତାଧିକାରୀମାନେ ଦର୍ଶାଇଛନ୍ତି। ଏ ନେଇ ହିତାଧିକାରୀମାନେ ଜିଲା, ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅବଗତ କରାଇବା ପରେ ସମ୍ପୃକ୍ତ ରିଟେଲର ଦୁଇଥର ପୁରୁଣା ସ୍ଥାନରେ ସାମଗ୍ରୀ ବଣ୍ଟନ କରିଥିଲେ ମଧ୍ୟ ପୁଣି ବନ୍ଦ କରି ଦେଇଛନ୍ତି। ନୂଆ ସ୍ଥାନରୁ ସାମଗ୍ରୀ ନ ଆଣିଲେ ଆଧାର ସଂଯୋଗ କାଟି ଦେବାକୁ ରିଟେଲର ଧମକ ଦେଉଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ତେବେ ହିତାଧିକାରୀଙ୍କ ସୁବିଧା ପାଇଁ ପୂର୍ବ ସ୍ଥାନରେ ରାଶନ ବଣ୍ଟନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ପୁରୁଣା ସ୍ଥାନରେ ସୁରକ୍ଷିତ ଗୋଦାମ ନ ଥିବାରୁ ନୂଆ ସ୍ଥାନରେ ସାମଗ୍ରୀ ବଣ୍ଟନ କରାଯାଉଛି। ତେବେ ଉକ୍ତ ହିତାଧିକାରୀମାନେ ଚାହିଁଲେ ସେମାନଙ୍କୁ ନିକଟସ୍ଥ ରିଟେଲରଙ୍କ ସହ ସଂଯୋଗ କରିଦିଆଯିବ ବୋଲି ପ୍ରକାଶ କରିଛନ୍ତି।

### ବିପଦରେ ହିତାଧିକାରୀଙ୍କ ଜୀବନ



ଜଣେ ବୃଦ୍ଧା ରେଳ ଧାରଣା ପାରହୋଇ ରାଶନ ନେଇ ଆସୁଛନ୍ତି।

# ଭିତ୍ତିଭୂମି ବଦଳି ବି ଆସିନି ସୁଧାର

ବାଲେଶ୍ୱର ଅଫିସ,୬।୧୧

ବିଧାନସଭାର ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ଅଶ୍ୱିନୀ ପାତ୍ରଙ୍କ ତତ୍ତ୍ୱାବଧାନରେ ୧୨ ଜଣିଆ ଟିମ୍ ବୁଧବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସେମାନେ ଚିକିତ୍ସାଳୟର ଭିତ୍ତିଭୂମି ତଦାରଖ କରିବା ସହ ପ୍ରସୂତି ଓ ଶିଶୁ ବିଭାଗ ପରିଦର୍ଶନ କରି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହିତ କିଭଳି ସ୍ୱାସ୍ଥ୍ୟସେବା ମିଳୁଛି, ସେ ନେଇ ପଚାରି ବୁଝିଥିଲେ। ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ କମିଟିର ସଦସ୍ୟମାନେ ଆଲୋଚନା କଲାବେଳେ ଡାକ୍ତରଖାନାର ଭିତ୍ତିଭୂମି ବଦଳୁଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ସେବା ମିଳୁ ନ ଥିବା ଅଭିଯୋଗ କରିଥିଲେ। ଏ ପରି କି ଜିଲା ହସ୍ପିଟାଲ ଓ ମେଡ଼ିକାଲ କଲେଜ କର୍ତ୍ତୃପକ୍ଷ ପରସ୍ପରକୁ ଦୋଷ ଦେଇ ନୀରବରେ ବସି ରହୁଥିବା ଅଭିଯୋଗ ହୋଇଥିଲା।

କମିଟିର ସଦସ୍ୟମାନେ ଆସି ଅପରାହ୍ନ ସାଢ଼େ ୩ଟା ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଉକ୍ତ କମିଟିରେ ସଦର ବିଧାୟକ ମଦନ ମୋହନ ଦତ୍ତ, କରଞ୍ଜିଆ ବିଧାୟକ ବାସନ୍ତୀ ହେମ୍ବ୍ରମ୍, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଝାରସୁଗୁଡ଼ା ବିଧାୟକ କୁସୁମ ଟେଟେ, ସାରସକଣା ବିଧାୟକ ଡ. ବୁଧାନ ମୁର୍ମୁ, ଚମ୍ପୁଆ ବିଧାୟକ ମୀନାକ୍ଷୀ ମହନ୍ତ, ସ୍ୱାସ୍ଥ୍ୟ ବିଭାଗ ସେକ୍ରେଟାରୀ ହରପ୍ରସାଦ ପଟ୍ଟନାୟକ, ନର୍ସିଂ ନିର୍ଦ୍ଦେଶକ ଡା. ସୁନୀଲ କୁମାର, ଡିଏସ୍ଏସ୍ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ମେଡିକାଲ କଲେଜ ଡିନ୍ ଡା. ପ୍ରତାପ ରଥ, ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର କୁମାର ଘୋଷ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବାନାର୍ଜୀ ପ୍ରସାଦ ଛୋଟରାୟ ପ୍ରମୁଖ ରହିଥିଲେ। ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସମୟରେ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ଡାକ୍ତରମାନେ ଉପସ୍ଥିତ ଥିଲେ।


ସିଡିଏମ୍ଓ ଅଫିସ୍ ସମ୍ମୁଖରେ ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ।

- ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ
- ୱାର୍ଡ ବୁଲି ରୋଗୀଙ୍କୁ ପଚାରି ସ୍ୱାସ୍ଥ୍ୟସେବା ସ୍ଥିତି ପରଖିଲେ
- ସ୍ୱାସ୍ଥ୍ୟସେବାରେ ସୁଧାର ଆସି ନ ଥିବା ରୋଗୀ ଅଭିଯୋଗ କଲେ

ସ୍ୱାସ୍ଥ୍ୟ ସମସ୍ୟାର ପ୍ରତିକାର ଲାଗି ନୂତନ ବିଲ୍ଡିଂ ନିର୍ମାଣ ଭଳି ଭିତ୍ତିଭୂମିରେ ପରିବର୍ତ୍ତନ ଅଣାଯାଇ ବିଭିନ୍ନ ବିଭାଗ ଖୋଲାଯାଇ ଡାକ୍ତର, ନର୍ସ ଓ କର୍ମଚାରୀ ନିଯୁକ୍ତି ଦିଆଯାଇଛି। ଜିଲା ଚିକିତ୍ସାଳୟ ବାଲେଶ୍ୱର ସରକାରୀ ମେଡିକାଲ କଲେଜ ହସ୍ପିଟାଲ ଭାବେ କାର୍ଯ୍ୟକାରୀ ହେବା ପରେ ଅନେକ କିଛି ପରିବର୍ତ୍ତନ ଆସିବ ବୋଲି ଲୋକେ ଆଶା ରଖିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୂର୍ବରୁ ୪ଶହରୁ ୫ଶହ ରୋଗୀ ଦୈନିକ ଆସୁଥିବାବେଳେ ଏବେ ୨୭ଶହରୁ ୩ହଜାର ରୋଗୀ ଆସୁଛନ୍ତି। ବିଶେଷଜ୍ଞ ଓ ପ୍ରଫେସରମାନଙ୍କ ଉପସ୍ଥିତି ସାଙ୍ଗକୁ ଏମ୍ଆର୍ଆଇ, ଡାୟାଲିସିସ୍, ସିଟିସ୍କାନ୍, ଅଲ୍ଟ୍ରାସାଉଣ୍ଡ, ହାଇ ଆଣ୍ଡ ଲ୍ୟାବ୍ ଭଳି ବହୁମୂଲ୍ୟ ସେବା ମାଗଣାରେ ଉପଲବ୍ଧ ହେଉଛି। କିନ୍ତୁ ହସ୍ପିଟାଲ ଓ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଅଧିକାଂଶ ପ୍ରଫେସର ଓ ବିଶେଷଜ୍ଞ ଡାକ୍ତର ରୋଗୀ ଦେଖିବାକୁ ଆସୁ ନ ଥିବା କମିଟିର ସଦସ୍ୟଙ୍କ ସହ ଆଲୋଚନା ବେଳେ ରୋଗୀମାନେ ଅଭିଯୋଗ କରିଥିଲେ। ବାୟୋମେଟ୍ରିକ୍ ବ୍ୟବସ୍ଥା ହୋଇ ନ ଥିବାରୁ ଡାକ୍ତର ଓ ନର୍ସମାନେ କେତେବେଳେ ଡ୍ୟୁଟିରେ ଆସୁଛନ୍ତି ଓ ଯାଉଛନ୍ତି ତାହା ଜଣାପଡୁ ନ ଥିବା ଏବଂ ଗରିବ ସାଧାରଣ ଲୋକେ ଦୂରଦୂରାନ୍ତରୁ ଜିଲା ହସ୍ପିଟାଲକୁ ଆସି ହଇରାଣ ହେଉଥିବା ଅଭିଯୋଗ ହୋଇଥିଲା। ଏହି ଅବସରରେ ଡାକ୍ତର ଅଭାବ ସମସ୍ୟା ଉଠିଥିଲା। ହସ୍ପିଟାଲ ପରିସରରେ ଗାଡ଼ି ପାର୍କିଂ, ସିସି କ୍ୟାମେରା, ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବା ଏବଂ ବିଶ୍ରାମ ସ୍ଥଳ ଭଳି ଆନୁଷଙ୍ଗିକ ସୁବିଧା ଅଭାବରୁ ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀୟମାନେ ହଇରାଣ ହେଉଥିବା ଦର୍ଶାଯାଇଥିଲା। ସେହିପରି ଗ୍ରାମାଞ୍ଚଳରେ ଚିକିତ୍ସା ସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡିଥିବା ଷ୍ଟାଣ୍ଡିଂ କମିଟି ଆଗରେ ରୋଗୀ ଓ ସମ୍ପର୍କୀୟମାନେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଷ୍ଟେଶନରୁ ଉଦ୍ଧାର ଯୁବକଙ୍କ ମୃତ୍ୟୁ

ବସ୍ତା,୬।୧୧(ସ୍ୱ.ପ୍ର): ବାଲେଶ୍ୱର ଜିଲା ବସ୍ତା ରେଳ ଷ୍ଟେଶନରେ ଜନୈକ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଥିବା ବୁଧବାର ସକାଳେ ଦେଖିବାକୁ ମିଳିଥିଲା। ବସ୍ତା ଦମକଳ ବାହିନୀକୁ ପହଞ୍ଚି ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ମୃତ ଯୁବକଙ୍କ ଘର ପଶ୍ଚିମବଙ୍ଗର ହୁଗିଳି ଜିଲା ରସଲପୁର ଗ୍ରାମରେ ଏବଂ ନାମ ମଫିଜୁଲ ମଲ୍ଲିକ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ସେ କୌଣସି ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିଥିବା ଅନୁମାନ କରାଯାଇଛି।

### ବିଷ ପିଆଇ ଟଙ୍କା ଛଡ଼ାଇ ନେଲେ

ସଜନାଗଡ଼, ୬।୧୧ (ଡି.ଏନ.ଏ.): ନୀଳଗିରି ଥାନା ରାଜନଗର ଗ୍ରାମର ଗୋବିନ୍ଦ ମଲ୍ଲିକ ନାମକ ଜଣେ ବ୍ୟକ୍ତି ବଜାରରୁ କୀଟନାଶକ ଔଷଧ କିଣି ମଙ୍ଗଳବାର ରାତି ୮ଟାରେ ଫେରୁଥିବା ସମୟରେ ଲୁଟର ଶିକାର ହୋଇଛନ୍ତି। ଓଲଡ଼ଙ୍ଗ ଓ ରାଜନଗର ରାସ୍ତା ମଝି ଏକ ନିଛାଟିଆ ପୋଲ ନିକଟରେ ପ୍ରାୟ ୫ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ଛଡ଼ାଇ ନେଇଥିଲେ। ପ୍ରତିବାଦ କରିବାରୁ ଲୁଟେରାମାନେ ତାଙ୍କ ପାଟିରେ ବିଷ ଢାଳି ଦେଇଥିବା କୁହାଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ନାବାଳିକାଙ୍କୁ ଅସଦାଚରଣ କରି ଜେଲ ଗଲେ ଯୁବକ

ଭୋଗରାଇ,୬।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ୍ ଥାନା ଅଧୀନ ଏକ ଗାଁରେ ଜଣେ ୧୪ ବର୍ଷୀୟା ନାବାଳିକାକୁ ଗମ୍ଭାରିଆ ଅଞ୍ଚଳର ଜଣେ ଯୁବକ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଥାନାଧିକାରୀ ସୁଜାତା ଖମାରୀ ଘଟଣାର ତଦନ୍ତ କରି ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୫୧/୧୯) ରୁଜୁ କରି ଅଭିଯୁକ୍ତ ଗାଣ୍ଡୁଆ ଲାୟା (୨୮)ଙ୍କୁ ଗିରଫ କରି ବୁଧବାର ବାଲେଶ୍ୱର ସ୍ୱତନ୍ତ୍ର ବିଚାରାଳୟକୁ ଚାଲାଣ କରିଛନ୍ତି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଯୁବକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟାରେ ଏହି ନାବାଳିକା ଜଣକ ତାଙ୍କ ସାନଭଉଣୀଙ୍କ ସହିତ ଟ୍ୟୁଶନ୍‌ରୁ ଫେରୁ ଥିବାବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ସେ ସମ୍ପର୍କରେ ଘରେ ପ୍ରକାଶ କରିବା ପରେ ଗ୍ରାମରେ ଏକ ବୈଠକ ବସିଥିଲା। ପରେ ମଙ୍ଗଳବାର ନାବାଳିକାଙ୍କ ପରିବାର ପକ୍ଷରୁ ଯୁବକଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା।

### ଅଙ୍ଗନୱାଡି କେନ୍ଦ୍ରରୁ ଚାଉଳ ଚୋରି

ସୋର, ୬।୧୧(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ସିଙ୍ଗାଖୁଣ୍ଟା ସିମିଳିଖୋଲ ଅଙ୍ଗନୱାଡି କେନ୍ଦ୍ରରୁ ଚାଉଳ ଚୋରି ହୋଇଥିବା ନେଇ କେନ୍ଦ୍ର ଶିକ୍ଷୟିତ୍ରୀ ବାସନ୍ତୀ ସିଂ ସୋର ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ରର ପିଲାଙ୍କ ପାଇଁ ଦୁଇଟି ବସ୍ତାରେ ୧ କୁଇଣ୍ଟାଲ ଚାଉଳ ରଖାଯାଇଥିଲା। ରବିବାର ରାତିରେ କେହି ଏହାକୁ ଚୋରି କରି ନେଇଥିବା ସକାଳେ ଜଣାପଡିଥିଲା। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

### ବାଲି ଓ ଚିପ୍ସ ବୋଝେଇ ଗାଡ଼ି ଜବତ

ବସ୍ତା,୬।୧୧(ସ୍ୱ.ପ୍ର): ବସ୍ତା ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ନରେନ୍ଦ୍ର ଖମାରୀ, ନାଜର ଶିବଶଙ୍କର ଦତ୍ତ, ଗୋଡ଼ିଖାଲ ଆର୍ଆଇ ଦୀନବନ୍ଧୁ କିସ୍କୁ ପ୍ରମୁଖ ବୁଧବାର ଚଢ଼ାଉ କରି ବେଆଇନ୍ ବାଲି ଓ ଚିପସ୍ ପରିବହନ ଧରପଗଡ କରିଛନ୍ତି। ପାଉଁଶକୁଲି ଛକରୁ ଏକ ବାଲି ବୋଝେଇ ଟ୍ରାକ୍ଟରଏବଂ ମଥାନୀ ଛକରୁ ଏକ ଚିପ୍ସ ବୋଝେଇ ଟ୍ରକ ଜବତ କରାଯାଇ ସେମାନଙ୍କଠାରୁ ଜରିମାନା ବାବଦକୁ ୪୨ହଜାର ୨ଶହ ଟଙ୍କା ଆଦାୟ କରାଯାଇଥିବା ଜଣାଯାଇଛି।

# ମିଳିତ ଆଲୋଚନା କରି ପ୍ରତିକାର କରାଯିବ

ବାଲେଶ୍ୱର ଅଫିସ, ୬।୧୧: ବିଧାନସଭା ଷ୍ଟାଣ୍ଡିଂ କମିଟି-୫ (ହେଲ୍ଥ ଆଣ୍ଡ ଫ୍ୟାମିଲ ୱେଲଫେୟାର, ଡବ୍ଲ୍ୟୁସିଡି ୱମେନ୍ ଆଣ୍ଡ ଚାଇଲ୍ଡ ୱେଲଫେୟାର ଆଣ୍ଡ ସୋସିଆଲ ଜଷ୍ଟିସ୍)ର ଚେୟାରମ୍ୟାନ୍ ପାତ୍ର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ଅବସରରେ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ମେଡ଼ିକାଲ କଲେଜରେ ପରିଣତ ହେବା ପରେ ରୋଗୀ ସଂଖ୍ୟା ବଢ଼ିଛି। କମିଟି ସଦସ୍ୟ ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀ ଏବଂ ସମ୍ପର୍କୀୟଙ୍କ ଠାରୁ ବିଭିନ୍ନ ଅସୁବିଧା ସମ୍ପର୍କରେ ଶୁଣିଛନ୍ତି। ବିଭାଗୀୟ ସେକ୍ରେଟାରୀ, ସ୍ପେଶାଲ ସେକ୍ରେଟାରୀ, ନିର୍ଦ୍ଦେଶକଙ୍କ ସମେତ ଷ୍ଟାଣ୍ଡିଂ କମିଟି ସଦସ୍ୟାସଦସ୍ୟ, ଜିଲାପ୍ରଶାସନ ଅଧିକାରୀ, ମେଡିକାଲ କଲେଜ କର୍ତ୍ତୃପକ୍ଷ ମିଳିତ ଭାବେ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ। କମିଟି ବାଲେଶ୍ୱର ସମେତ ଭଦ୍ରକ, ମୟୂରଭଞ୍ଜ ଜିଲାକୁ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ବାଲେଶ୍ୱର ଜିଲାରେ ରେମୁଣା ସିଏସି ଏବଂ ଜଳେଶ୍ୱର ଜି.କେ. ଭଟ୍ଟର ହସ୍ପିଟାଲର ପରିଦର୍ଶନ ପରେ ସିଡବ୍ଲ୍ୟୁସି ଅଧୀନରେ ଥିବା ଏକ ଅନାଥ ଆଶ୍ରମ ପରିଦର୍ଶନ କରାଯିବ। ରେମୁଣା ଅଞ୍ଚଳରେ ଫ୍ଲୋରାଇଡ୍ ପାଣି ପିଇ ଲୋକେ ଶାରୀରିକ ଭିନ୍ନକ୍ଷମ ହେବା ସହ ବିଭିନ୍ନ ରୋଗର ପ୍ରତିକାର, ପ୍ରସୂତି ବିଭାଗର ଡାକ୍ତର ଏବଂ ଷ୍ଟାଫ୍ କ୍ୱାର୍ଟର୍ସ ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିବା ସେ କହିଥିଲେ।

# ମଥାନୀ ବାଳାଶ୍ରମ ବୁଲି ଦେଖିଲେ

ବସ୍ତା,୬।୧୧(ସ୍ୱ.ପ୍ର): ବାଲେଶ୍ୱର ଜିଲା ଗସ୍ତରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଂ କମିଟି-୫ର ସଦସ୍ୟମାନେ ବୁଧବାର ସନ୍ଧ୍ୟାରେ ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀଠାରେ ଥିବା ମାଗୁଣୀ ଚରଣ ବାଳାଶ୍ରମକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ସହିତ ଅନ୍ୟ ସଦସ୍ୟାସଦସ୍ୟ ବାଳାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ପଢ଼ା ଗୃହକୁ ଯାଇ ପିଲାଙ୍କ ସହ କଥାବାର୍ତ୍ତା କରିବା ସହ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏଥିସହିତ ସେମାନେ ପାଠ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଜନୈକ ଛାତ୍ର ସଦସ୍ୟମାନଙ୍କୁ ଏକ ଜଗନ୍ନାଥ ଜଣାଣ ଗାଇ ଶୁଣାଇ ଥିଲେ। ପରେ ସଦସ୍ୟମାନେ ବାଳାଶ୍ରମର ଅଫିସ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ରାଜ୍ୟ ମହିଳା ଓ ଶିଶୁ ବିକାଶ ଅଧିକାରୀ ସଂଗ୍ରାମ କିଶୋର ସାମଲଙ୍କ ଉପସ୍ଥିତିରେ ବାଳାଶ୍ରମର ସଭାପତି ବିଜୟ କୁମାର ସିଂହ, ସମ୍ପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର, ଅଧୀକ୍ଷକ ହରିହର ମହାପାତ୍ର ପ୍ରମୁଖଙ୍କ ସହ ଅନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଏହି ବାଳାଶ୍ରମରେ ୧୫୦ ପିଲାଙ୍କ ପାଇଁ ରହିବାର ବ୍ୟବସ୍ଥା ଥିବାବେଳେ ଏହାକୁ ସରକାର ୧୦୫କୁ ହ୍ରାସ କରିଛନ୍ତି। ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଏହି ବାଳାଶ୍ରମରେ ରଖାଯାଉ ଥିବାବେଳେ ସେମାନଙ୍କର ରହିବା ଓ ଖାଇବା ଖର୍ଚ୍ଚ ବାବଦକୁ ସରକାରୀ ଅନୁଦାନ ମିଳୁ ନ ଥିବା ବାଳାଶ୍ରମର କର୍ମକର୍ତ୍ତା ଦର୍ଶାଇଥିଲେ।

# ଅଣଶିକ୍ଷକ କର୍ମଚାରୀଙ୍କ ପ୍ରତିବାଦ ସଭା



ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଆଗରେ ଅଣଶିକ୍ଷକ କର୍ମଚାରୀ ପ୍ରତିବାଦ ସଭା କରୁଛନ୍ତି।

ବାଲେଶ୍ୱର ଅଫିସ,୬।୧୧: ନିଖିଳ ଭାରତ ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଅଣଶିକ୍ଷକ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ନେଇ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସମସ୍ତ ସଭ୍ୟାସଭ୍ୟ ଏକାଠି ହୋଇ ବୁଧବାର ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରିଥିଲେ। ସେମାନେ ନୂଆ କ୍ୟାମ୍ପସ୍ଥିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଆଗରେ ସଭା କରିବା ସହ ବିଭିନ୍ନ ଦାବି ଲେଖାଥିବା ପ୍ଲାକାର୍ଡ଼ ପ୍ରଦର୍ଶନ କରି ଦାବି ଉପସ୍ଥାପନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ଅର୍ଜୁନ କର ଓ ସାଧାରଣ ସମ୍ପାଦକ ଉପେନ୍ଦ୍ର ପ୍ରସାଦ ଜେନା ସଭାର ଅଭିପ୍ରାୟ ସମ୍ପର୍କରେ ବକ୍ତବ୍ୟ ରଖିବା ପରେ ସର୍ବଭାରତୀୟ ସ୍ତରରେ ଥିବା ଅଣଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଆଲୋଚନା କରାଯାଇଥିଲା। ଜାତୀୟ ଶିକ୍ଷାନୀତି-୨୦୧୯ର ପ୍ରତ୍ୟାହାର, ଠିକା ଓ ଆଉଟ୍‌ସୋର୍ସିଂ ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ୟୁଜିସି ହାରରେ ଅଣଶିକ୍ଷକ କର୍ମଚାରୀଙ୍କୁ ବେତନ ପ୍ରଦାନ ଏବଂ ଖାଲିପଡିଥିବା ପଦବୀରେ ତୁରନ୍ତ ନିଯୁକ୍ତି ଦେବା ଆଦି ଦାବି ଆଲୋଚନାରେ ସ୍ଥାନ ପାଇଥିଲା। କୁଳପତି ପ୍ରଫେସର ମଧୁମିତା ଦାସ ସଭା ସ୍ଥଳକୁ ଆସି ପହଞ୍ଚିବା ପରେ ତାଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ବିପୁଳ ଦେଶୀ ଓ ବିଦେଶୀ ମଦ ଜବତ, ୫ ଗିରଫ


ଜବତ ମଦ ସହ ଗିରଫ ୫ ଅଭିଯୁକ୍ତ।

ଭୋଗରାଇ/ ଜଳେଶ୍ୱର, ୬।୧୧ (ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ବ୍ୟାପକ ଦେଶୀ ଓ ବିଦେଶୀ ମଦର ବେପାର ସାଙ୍ଗକୁ ଚୋରା ଚାଲାଣ ବଢ଼ି ଚାଲିଛି। ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପୂର୍ବାହ୍ନରେ ଭୋଗରାଇ-ଜଳେଶ୍ୱର ଓ ଏମ୍‌ଡ଼ିଏମ୍ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପଶ୍ଚିମବଙ୍ଗରୁ ଅଣାଯାଇଥିବା ବିପୁଳ ଚୋରା ଦେଶୀ ଓ ବିଦେଶୀ ମଦ ଜବତ ସହ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନାରାଣପୁର ଗ୍ରାମର ଦେବାଶିଷ ପଣ୍ଡା, ନେଗୁଆଁ ଗ୍ରାମର କୁଆଁର ମାରାଣ୍ଡି, ମାନକୁଣ୍ଡା ଗ୍ରାମର ତପନ ମାଝି, ବାଟଗ୍ରାମର ଜୟନ୍ତ ଦାସ ଏବଂ ପାଟଗ୍ରାମର ଅନନ୍ତ ପ୍ରଧାନ। ସେମାନଙ୍କ ନିକଟରୁ ୯୭ ଲିଟର ପଶ୍ଚିମବଙ୍ଗ ଦେଶୀ ମଦ, ପ୍ରାୟ ୧୦ଲିଟରରୁ ଉର୍ଦ୍ଧ୍ୱ ପଶ୍ଚିମବଙ୍ଗ ମାର୍କା ବିଦେଶୀ ମଦ ଓ ୧୨ଲିଟରରୁ ଅଧିକ ପଶ୍ଚିମବଙ୍ଗ ମାର୍କା କଣ୍ଟ୍ରିସ୍ପିରିଟ୍ ମଦ ଜବତ କରାଯାଇଛି। ଏମ୍‌ଡ଼ିଏମ୍ ସ୍କ୍ୱାଡ଼ ଆଇଆଇସି ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ଜଳେଶ୍ୱର-ଭୋଗରାଇ ଥାନା ଓଆଇସି ହରପ୍ରସାଦ ରଣା, ଓଆଇସି ଅମ୍ପା ମାରାଣ୍ଡି, ଲକ୍ଷେ ସାଧବ ପ୍ରଧାନ, ଏଏସ୍ଆଇ ଦୋଳଗୋବିନ୍ଦ ଧଳ, ଭାସ୍କର ଚନ୍ଦ୍ର ବେହେରା, କନଷ୍ଟେବଳ ରାଜୀବ କୁମାର ଭଞ୍ଜ, ମଙ୍ଗଳ ସିଂ, ଶଶୀକାନ୍ତ ସାହୁ, ଉର୍ମିଳା ବେହେରା, ବିଜୟ ମଲ୍ଲିକ, ଶଶୀ ସ୍ୱାଇଁ ଓ ସନ୍ତୋଷ ବେହେରା ସାମିଲ ହୋଇ ଚଢାଉ କରିଥିଲେ।

# ମୋଟର ଦୁର୍ଘଟଣା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୬।୧୧: ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟରେ ମୋଟର ଦୁର୍ଘଟଣା ମଧ୍ୟସ୍ଥତା କେନ୍ଦ୍ର ଖୋଲିଛି। ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ରାମଶଙ୍କର ହୋତା ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ର ଅଦାଲତର ମକଦ୍ଦମା ବୋଝ କମାଇବା ସହିତ ମୋଟର ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କ ପରିବାରକୁ ଆପୋସ ମିଳାମିଶା ମାଧ୍ୟମରେ ତ୍ୱରିତ୍ ନ୍ୟାୟ ପ୍ରଦାନ କରିବାରେ ଉପଯୋଗୀ ହୋଇପାରିବ ବୋଲି ଉଦ୍‌ଘାଟନୀ ସମାରୋହକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର କହିଥିଲେ। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି, ପରିବାର ଅଦାଲତର ବିଚାରପତି ଅଜନ୍ତା ଷଡ଼ଙ୍ଗୀ, ଅତିରିକ୍ତ ଜିଲା ଜଜ୍-୧ ଗିରିଜା ପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲା ଜଜ୍-୨ ସୁବାସ କୁମାର ବିହାରି, ଅତିରିକ୍ତ ଜିଲା ଜଜ୍-୩ ସୋନାଲି ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବ୍ରତ କୁମାର ପଟ୍ଟନାୟକ, ସିଭିଲକୋର୍ଟ ରେଜିଷ୍ଟ୍ରାର ଆରାଧନା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏଥିସହ ଜିଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଏବଂ ଜିଲା ମଧ୍ୟସ୍ଥତା କେନ୍ଦ୍ରର ପ୍ରଶିକ୍ଷିତ ମଧ୍ୟସ୍ଥମାନେ ଉପସ୍ଥିତ ଥିଲେ। ପ୍ରାଧିକରଣର ସଚିବ ମହାପାତ୍ର ସଭା ପରିଚାଳନା କରିଥିଲେ। କୋର୍ଟ ମ୍ୟାନେଜର ଶଶୀକାନ୍ତ ପ୍ରଧାନ ଏଥିରେ ସହାୟତା କରିଥିଲେ।

■ ବ୍ୟାଙ୍କ୍ ପାସବହିରେ ଭତ୍ତା ଦେବା ନିଷ୍ପତ୍ତିକୁ ବିରୋଧ

# ମ୍ୟୁନିସିପାଲିଟି ସମ୍ମୁଖରେ ଧାରଣା



ମ୍ୟୁନିସିପାଲିଟି ସମ୍ମୁଖରେ ଧାରଣା ଦିଆଯାଇଛି।

ଜଳେଶ୍ୱର,୬।୧୧(ଡି.ଏନ.ଏ.)

ବ୍ୟାଙ୍କ୍ ପାଶବହି ମାଧ୍ୟମରେ ଭତ୍ତା ଦେବା ନିଷ୍ପତ୍ତିକୁ ବିରୋଧ କରିବା ସମେତ ୪ ଦଫା ଦାବି ନେଇ ସିପିଆଇ(ଏମ୍) ନେତୃତ୍ୱରେ ବୁଧବାର ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେଠାରେ ଆୟୋଜିତ ସଭାରେ ସିପିଆଇ(ଏମ୍) ସମ୍ପାଦକ ଦିଲ୍ଲୀପ ଗିରି, ସିତାଂଶୁ ସେନାପତି, ଦିପ୍ତୀମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ରବୀନ୍ଦ୍ର ବାରିକ, ଜିତାଂଶୁ ଶେଖର ନନ୍ଦୀ ପ୍ରମୁଖ ବକ୍ତବ୍ୟ ରଖି ବୃଦ୍ଧାବୃଦ୍ଧଙ୍କୁ ବ୍ୟାଙ୍କରେ ପାସ୍ ବହି ଖୋଲି ଭତ୍ତା ନେବାରେ କିଭଳି ସମସ୍ୟା ହେଉଛି ତାହା ଦର୍ଶାଇଥିଲେ। ଏହି ଧାରଣା ଆନ୍ଦୋଳନରେ ବହୁ ଭତ୍ତା ହିତାଧିକାରୀ ଯୋଗ ଦେଇଥିଲେ। ପରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ୪ ଦଫା ଦାବି ମଧ୍ୟରେ ବ୍ୟାଙ୍କ୍ ପାଶ ବହି ମାଧ୍ୟମରେ ଭତ୍ତା ଦେବା ନିଷ୍ପତ୍ତି ପ୍ରତ୍ୟାହାର, ବ୍ୟାଙ୍କରେ ଖାତା ଖୋଲିବା ପାଇଁ କାହାକୁ ବାଧ୍ୟ କରା ନ ଯିବା, ରୋଗାଗ୍ରସ୍ତ ବୃଦ୍ଧାବୃଦ୍ଧଙ୍କୁ ସେମାନଙ୍କ ଘରେ ବିନା ପାଶବହିରେ ଟଙ୍କା ଦିଆଯିବା ଏବଂ ବ୍ୟାଙ୍କରେ ବିନା ଡିପୋଜିଟରେ ଖାତା ଖୋଲିବା ଦାବି ରହିଛି। ଏହାଛଡ଼ା ବ୍ୟାଙ୍କ ପକ୍ଷରୁ ପ୍ରତ୍ୟେକ ୱାର୍ଡ଼ରେ କ୍ୟାମ୍ପ କରି ଖାତା ଖୋଲିବା ବ୍ୟବସ୍ଥା କରାଯାଉ ବୋଲି ଏଥିରେ ଦରବି କରାଯାଇଛି।

# ରାସ୍ତା ନିର୍ମାଣ ପାଇଁ ବ୍ୟବସାୟୀ ସଂଘର ଦାବିପତ୍ର

ସୋର, ୬।୧୧ (ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ଷ୍ଟେଶନଛକ ଠାରୁ ରେଲୱେ ଲେଭଲକ୍ରସିଂ ଯାଏ କଂକ୍ରିଟ ରାସ୍ତା ନିର୍ମାଣ କରିବା ଲାଗି ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ପୂର୍ତ୍ତ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଠାରେ ଓଭର ବ୍ରିଜ ନିର୍ମାଣ ପରେ ଏହି ଅଞ୍ଚଳର ରାସ୍ତା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏ ନେଇ ପୂର୍ତ୍ତ ବିଭାଗ ସୋର ଡିଭିଜନରେ ଦାବି କରାଯିବା ସତ୍ତ୍ୱେ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରାସ୍ତା ଅବସ୍ଥା ଖରାପ ହୋଇପଡିଥିବାରୁ ପ୍ରବଳ ଧୂଳି ଉଡ଼ିବା ପରିବେଶକୁ ପ୍ରଦୂଷିତ କରୁଛି। ଏଥିଲାଗି ରାସ୍ତା ପାର୍ଶ୍ୱ ଅଞ୍ଚଳର ବାସିନ୍ଦା ଓ ଦୋକାନୀମାନେ ହଇରାଣ ହେଉଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତା ପାଣିକାଦୁଅ ହୋଇ ଶୋଚନୀୟ ହୋଇପଡୁଛି। ବ୍ୟବସାୟୀ ଚୁନିଲାଲ ପରମାଣିକ,ମନୋଜ କୁମାର ରାୟ,ବ୍ରଜକିଶୋର ପଣ୍ଡା ଓ ବିଜୟ କୁମାର ସେଠୀ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଦୁର୍ଘଟଣା ଏଡ଼ାଇବାକୁ ଆଲୋଚନା

ବସ୍ତା,୬।୧୧,(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ୬୦ ନଂ ଜାତୀୟ ରାଜପଥର ଭେଲୋରା ସାଜିଛି ଡେଥ ଜୋନ। ପ୍ରତି ବର୍ଷ ଏହି ସ୍ଥାନରେ ଗାଡ଼ିମୋଟର ଦୁର୍ଘଟଣା ସଂଖ୍ୟା ବଢ଼ି ଚାଲିଛି। ଏହି ଛକ ଅତିକ୍ରମ କରି ଯାତାୟାତ କରିବାକୁ ସ୍ଥାନୀୟ ଲୋକେ ଭୟ କରୁଛନ୍ତି। ଏହି ଛକଠାରେ ଗୋଟିଏ ପାଖ ରାସ୍ତାରେ ଗାଡିମୋଟର ଚଳାଚଳ ଯୋଗୁ ରାତିରେ ଯାତାୟାତ କରୁଥିବା ଗାଡିଗୁଡିକ ଅଧିକ ସଂଖ୍ୟାରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ଥାନରେ ଦୁର୍ଘଟଣାକୁ ଏଡାଇବା ସକାଶେ ଅଞ୍ଚଳବାସୀ ଦୀର୍ଘଦିନରୁ ଅଣ୍ଡରପାସ ରାସ୍ତା ନିର୍ମାଣ ଲାଗି ଦାବି କରିବା ପରେ ସାମୟିକ କାର୍ଯ୍ୟ ଆରମ୍ଭ ହୋଇ ତାହା ବନ୍ଦ ପଡିଛି। ତିନିଦିନ ପୂର୍ବରୁ ଭେଲୋରା ଛକରେ ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ହୋଇଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଅଣ୍ଡରପାସ ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ପ୍ରଶାସନିକ କର୍ତ୍ତୃପକ୍ଷ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ହେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ପରେ ସୋମବାର ରାତିରେ ବସ୍ତା ଏସଡିପିଓ ରଣଜିତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଶାସନ ଓ ରାଜପଥ ବିଭାଗ ଅଧିକାରୀଙ୍କ ସହ ଲୋକଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଆଇନଗତ ସମସ୍ୟା ଯୋଗୁ ସେଠାରେ ଅଣ୍ଡରପାସ ନିର୍ମାଣରେ ବିଳମ୍ବ ହେଉଥିବାରୁ ଆଗାମୀ ୭ ଦିନ ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଉଚିତ ଢଙ୍ଗରେ ଗାଡିମୋଟର ଚଳାଚଳ ବ୍ୟବସ୍ଥା କରାଯିବା ସହିତ ଏହା ପାର୍ଶ୍ୱରେ ଷ୍ଟିଲ ରାଲିଂ, ଦୁର୍ଘଟଣା ସ୍ଥାନଠାରୁ ଯଥେଷ୍ଟ ପୂର୍ବରୁ ସତର୍କ ସୂଚନା ଫଳକ ଲଗାଯିବା ସହିତ ଖରାପ ରାସ୍ତାକୁ ମରାମତି କରାଯିବା ଲାଗି ଆଲୋଚନା ହୋଇଥିଲା। ବସ୍ତା ତହସିଲଦାର ନରେନ୍ଦ୍ର ଖମାରୀ, ଅମର୍ଦା ରୋଡ ଫାଣ୍ଡି ଅଧିକାରୀ ରସାନନ୍ଦ ବେହେରା, ସମାଜସେବୀ ଧ୍ରୁବ ଚରଣ ନାୟକ, ରାଜପଥ ଅଧିକାରୀ ରଣଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ସ୍ଥାନୀୟ ଜନସାଧାରଣ ଭାଗ ନେଇଥିଲେ।

**ଭେଲୋରା ଛକ ସାଜିଛି ଡେଥ୍ ଜୋନ**

# ଚୋରା ପଥର ଖାଦାନରୁ ୧୦ଟ୍ରିପ୍ ମେଟାଲ ଜବତ

ସଜନାଗଡ଼,୬।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ପ୍ରଶାସନ ପକ୍ଷରୁ ତହସିଲଦାରଙ୍କ ନେତୃତ୍ୱରେ ବାଘମରା ଚୋରା ପଥର ଖାଦାନ ଉପରେ ବୁଧବାର ମିଳିତ ଚଢ଼ାଉ କରାଯାଇଥିଲା। ନୀଳଗିରି ରାଜସ୍ୱ ବିଭାଗର ଅଧିକାରୀ ସୁଶ୍ରୀତା ଟୁଡୁ, ସଜନାଗଡ଼ ଆର୍‌ଆଇ, ନୀଳଗିରି ବନବିଭାଗ ଏବଂ ସ୍ୱତନ୍ତ୍ର ପୋଲିସ୍ ଫୋର୍ସ ଏହି ଚଢ଼ାଉ କରି ସେଠାରୁ ୧୦ଟ୍ରିପ୍ ମେଟାଲ ଜବତ କରିଛନ୍ତି। ଟ୍ରକ୍ ଓ ଜେସିବି ସାହାଯ୍ୟରେ ଏହାକୁ ଆଣି ତହସିଲ ଅଫିସ ପରିସରରେ ଗଚ୍ଛିତ ରଖାଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ଠିକାଦାର ସଂଘର ବିକ୍ଷୋଭ

**ଠାକୁରମୁଣ୍ଡା,୬।୧୧(ଡି.ଏନ୍.ଏ.)-** ପାଞ୍ଚପୀଢ଼ ସରକାରୀ ଠିକାଦାର ସଂଘ ପକ୍ଷରୁ ବୁଧବାର କରଞ୍ଜିଆ ଉପଜିଲାପାଳଙ୍କ ଅଫିସ ଆଗରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଠିକାଦାର ସଂଘ ସଭାପତି ବସନ୍ତ କୁମାର ପୈବର୍ତ୍ତି, ସମ୍ପାଦକ ଦିଲ୍ଲୀପ କୁମାର ସାହୁ, ପୁପୁନ ପଣ୍ଡାଙ୍କ ନେତୃତ୍ୱରେ ଉପଖଣ୍ଡର କରଞ୍ଜିଆ, ଠାକୁରମୁଣ୍ଡା, ଯଶିପୁର, ଶୁକ୍ରୁଳି ଓ ରରୁଆଁ ବ୍ଲକ ଅଞ୍ଚଳର ଠିକାଦାରମାନେ କରଞ୍ଜିଆ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ।

### ଅବକାରୀ ଚଢ଼ାଉ, ୪ ଗିରଫ

**ଖୁଣ୍ଟା,୬।୧୧(ଡି.ଏନ୍.ଏ.):** ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଦେଶୀ ମଦ କାରବାରରେ ଲିପ୍ତ ଥିବା ୩ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୪୭ ଲିଟର ଦେଶୀମଦ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବାଲିମୁଣ୍ଡଳୀ ଗ୍ରାମର ପ୍ରସନ୍ନ ମୁର୍ମୁ , ଜୁରାଡ଼ିହି ଗ୍ରାମର ସାରଥୀ ଖିଲାର ,ଭୂପଡ଼ ଗ୍ରାମର ରାଇମଣି ଟୁଡୁ ଓ ମୁନୀ ମାର୍ଣ୍ଡି। ଖୁଣ୍ଟା ଅବକାରୀ ଥାନା ଅଧିକାରୀ ସଚିନ ବେହେରା ଓ ଏଏସଆଇ ଶରତ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

### ନୂଆ ଏସ୍‌ଡିପିଓଙ୍କ ଯୋଗଦାନ

**ବାରିପଦା ଅଫିସ,୬।୧୧-** ବାରିପଦା ସଦର ଏସ୍‌ଡିପିଓ ଭାବେ କେ. କେ. ହରିପ୍ରସାଦ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ସଦର ଏସ୍‌ଡିପିଓ ଯଦୁନାଥ ଜେନାଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଜୁ ପଟ୍ଟନାୟକ ଷ୍ଟେଟ ପୋଲିସ ଏକାଡେମୀରୁ ଟ୍ରେନିଂ ସରିବା ପରେ ସେ ବାରିପଦା ସଦର ଏସ୍‌ଡିପିଓ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଜିଲା ପୋଲିସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

### ମଦ ବେପାରୀ ଗିରଫ

**ବଡ଼ସାହି,୬।୧୧(ସ୍ୱ.ପ୍ର)-**ବଡ଼ସାହି ପୋଲିସ ବୁଧବାର ବାଇକ୍‌ରେ ଚୋରା ଦେଶୀ ମଦ ନେଇ ଯାଉଥିବା ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବୈଶିଙ୍ଗା ଥାନା ଅଧୀନ ମେର୍ଦ୍ଦା ଗ୍ରାମର ଶ୍ରୀଧର ଜେନା। ତାଙ୍କଠାରୁ ୫୦ଲିଟର ଦେଶୀ ମଦ ଓ ବାଇକ୍ ଜବତ ହୋଇଥିବା ଆଇଆଇସି ବିଶ୍ୱଜ ରାଉତରାୟ କହିଛନ୍ତି।

### ୬୩ ୟୁନିଟ ରକ୍ତ ସଂଗ୍ରହ

**କୁଆମରା ୬।୧୧(ଡିଏନଏ)-** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜ ଅଧକ୍ଷ ସୁବଳ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୬୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାରର ଅଧିକାରୀ ଡକ୍ଟର ମହେଶ କୁମାର ବିଶ୍ୱାଳ, ଟେକ୍‌ନିସିଆନ ବିଜୟ କୁମାର ପଟ୍ଟନାୟକ, ଦେବାଶିଷ ଦତ୍ତ, ଜଗନ୍ନାଥ ପଣ୍ଡା, ବିନୋଦ ବିହାରୀ ଦାସ, ସନ୍ତୋଷ କୁମାର ଜେନା, ପ୍ରୀତମ୍ ସାଗର ଜେନା ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ଖବରଦାତା ନିମାଇଁ ପ୍ରସାଦ ଦାଶ, ଶାନ୍ତନୁ କୁମାର ମଢୁଆଳ, ଚିତ୍ତ ରଞ୍ଜନ ଦଳେଇ, ଅଧାପକ ଛତିଶ ଦାସ, ପ୍ରଭାତ ସେନାପତି, ବିଶ୍ୱନାଥ ବେହେରା, ଅବନୀ ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ବିବେକାନନ୍ଦ ଗିରି ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଅଧାପକ ଓ ଅଧାପିକା ଏଥିରେ ସହଯୋଗ କରିଥିଲେ।

# ପରୀକ୍ଷା ଫି’ କମାଇବା ଦାବିରେ ଆନ୍ଦୋଳନ


ଫାଟକ ବନ୍ଦ କରି ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

**ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି**

**ବାରିପଦା ଅଫିସ,୬।୧୧**

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କର୍ତ୍ତୃପକ୍ଷଙ୍କ ପରିଚାଳନାଗତତ୍ରୁଟି ଯୋଗୁ କିଛିଦିନ ହେବ ଛାତ୍ର ଆନ୍ଦୋଳନ ଲାଗି ରହିଛି। ବିଭିନ୍ନ ଦାବି ନେଇ ମଙ୍ଗଳବାର ବିଶ୍ୱବିଦ୍ୟାଳୟର ବିଏଡ୍ ଓ ଏମଏଡ୍ ବିଭାଗର ଛାତ୍ରୀଛାତ୍ରମାନେ ଭୁବନେଶ୍ୱରକୁ ଅହିଂସା ପଦଯାତ୍ରାରେ ବାହାରି ଥିବାବେଳେ ବୁଧବାର ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ପରୀକ୍ଷା ଫି’ କମାଇବା ଦାବିନେଇ ମୁଖ୍ୟ ଫାଟକ ବନ୍ଦ କରି ଆନ୍ଦୋଳନ ଓ ଧାରଣାରେ ବସିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ କୁମାର ଚାନ୍ଦ ବୁଝାଇବାକୁ ଆସିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଗୁରୁବାର ପୁନର୍ବାର ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଅଭିଯୋଗ ଅନୁଯାୟୀ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ଫି’ ୭୪୦ ଟଙ୍କାରୁ ୩୯୦ ଟଙ୍କା କମା ଯାଇଥିବାବେଳେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଫି’ ୭୪୦ ଟଙ୍କା ରଖାଯାଇଛି। ତେବେ ସେମାନଙ୍କ ପରୀକ୍ଷା ଫି’ କମ୍ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ଫାଟକ ବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ଛାତ୍ରନେତା ଚିତେଶ୍ୱର ବେହେରା ଓ ମନୀଷ ଗିରି କହିଛନ୍ତି । ଛାତ୍ର ଆକାଶ ମହାନ୍ତି, ଅସଲାମ ମହମ୍ମଦ, ଲୋକନାଥ ମହାନ୍ତ, ରାଜେଶ ସାହୁ, ରାଜକିଶୋର ସ୍ୱାଇଁ, ସମୀର ଲେଙ୍କା, ଗୁଣନିଧି ସାହୁ ପ୍ରମୁଖଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

■ ପିଆରଏମ୍ ମେଡିକାଲ

# ସ୍ଥିତି ପରଖି ଆହାରକେନ୍ଦ୍ରରେ ଖାଇଲେ ପ୍ରଶାସନିକ ଅଧିକାରୀ

**ବାରିପଦା ଅଫିସ,୬।୧୧**

ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ସହିତ ଲୋକଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ରାଜ୍ୟ ସରକାର ‘ମୋ ସରକାର’ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କ୍ରମରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ପ୍ରଶାସନିକ ଅଧିକାରୀମାନେ ଘନ ଘନ ଗସ୍ତ କରି ସ୍ଥିତି ପରଖୁଛନ୍ତି। ବୁଧବାର ମେଡିକାଲ କଲେଜ ପାଇଁ ନୋଡ଼ାଲ ଅଫିସର ଭାବେ ନିଯୁକ୍ତ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ର କୁମାର ମେଡିକାଲ କଲେଜ ଗସ୍ତ କରିଥିଲେ। ସେ ମେଡିକାଲ କଲେଜର ସ୍ଥିତି ପରଖିବା ସହିତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି ଆହାର କେନ୍ଦ୍ରରେ ନିଜେ ଟିକେଟ କାଟି ଲାଇନରେ ଅପେକ୍ଷା କରି ଆହାର ଭୋଜନ ଖାଇଥିଲେ। ତାଙ୍କ ସହିତ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ସିଡିଏମଓ ପ୍ରଦୀପ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଆହାର କେନ୍ଦ୍ରରେ ନୋଡାଲ ଅଫିସର ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟମାନେ।

# ଜିଲାସ୍ତରୀୟ ପୋଲିସ ଅଧିକାରୀଙ୍କ କର୍ମଶାଳା

**ବାରିପଦା ଅଫିସ,୬।୧୧**

ଜିଲା ପୋଲିସ ମୁଖ୍ୟାଳୟର ସଦ୍‌ଭାବନା ଗୃହରେ ଜିଲାର ୩୦ଟି ଥାନା ଅଞ୍ଚଳରେ ଥିବା ସ୍ୱତନ୍ତ୍ର ଶିଶୁ କିଶୋର ପୋଲିସ ୟୁନିଟର ଅଧିକାରୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମଦାସ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଭିମନ୍ୟୁ ନାୟକ, ଡିଏସପି ସବିତା ମାଝୀ, ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା, କିଶୋର ଯତ୍ନ ବୋର୍ଡର ସଦସ୍ୟମାନେ ଉପସ୍ଥିତ ଥିଲେ। କର୍ମଶାଳାରେ


କର୍ମଶାଳାରେ ଉପସ୍ଥିତ ପୋଲିସ ଅଧିକାରୀ ବୃନ୍ଦ।

ରିଶୋର୍ସ ପର୍ଶନ ଭାବେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନନ୍ଦ କିଶୋର ଯୋଗଦେଇ ଶିଶୁ ଯୌନ ନିର୍ଯାତନା ଏବଂ କିଶୋର ନ୍ୟାୟ ଆଇନ ସମ୍ପର୍କରେ ଆଲୋଚନା କରିବା ସହିତ ଏହା ଜିଲାରେ କିପରି ସୁଚାରୁ ରୂପେ କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଙ୍ଗିରିପୋଷିରେ ଜଗଦ୍ଧାତ୍ରୀ ପୂଜା

**ବାଙ୍ଗିରିପୋଷି,୬।୧୧(ଡି.ଏନ୍.ଏ.)**

ବାଙ୍ଗିରିପୋଷିସ୍ଥିତ ଦୁର୍ଗାମଣ୍ଡପଠାରେ ମା’ ଜଗଦ୍ଧାତ୍ରୀଙ୍କ ପୂଜା ଅନୁଷ୍ଠିତ ହେଉଛି। ମନଲୋଭା ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପ ଝଲସି ଉଠୁଛି। ଉଠା ଦୋକାନୀମାନେ ମା’ଙ୍କ ମଣ୍ଡପ ନିକଟରେ ନିଜର ନିଜର ବିପ୍ଣଣି ଖୋଲିଛନ୍ତି। ପୂଜା କମିଟିର ସଭାପତି ପ୍ରଶାନ୍ତ ଦାସ ପଟ୍ଟନାୟକଙ୍କ ସମେତ ମାନସ କୁମାର ବେହେରା, ମନୋଜ କୁମାର ଦତ୍ତ, ଦୀପକ କୁମାର ମହାନ୍ତି (ଲଲ ଭାଇ), ବିଶ୍ୱଜିତ ଶର୍ମା, ଆଦିତ୍ୟ କୁମାର ମହାନ୍ତ , ଯଶୋବନ୍ତ ବସା, ସତ୍ୟ ରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ଦାସ, ରାମଚନ୍ଦ୍ର ମୁର୍ମୁ, ଶୁସିଲ କୁମାର ଅଗ୍ରୱାଲ, ବିଜୟ ମହତା, ଡ.ପବିତ୍ର କୁମାର ମାଇତି, ପ୍ରଭାତ କୁମାର ପାତ୍ର, ମଦନମୋହନ ଦାସ, ଦେବେନ୍ଦ୍ର ସିଂ, ପ୍ରଭାତ ପାତ୍ର, ରବୀନ୍ଦ୍ର ମହାକୁଡଙ୍କ ସମେତ ସମସ୍ତ ସଭ୍ୟ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି।

# ମିଶନ ଶକ୍ତି ପକ୍ଷରୁ ତାଲିମ ଶିବିର

**ରାଇରଙ୍ଗପୁର,୬।୧୧(ଡି.ଏନ୍.ଏ.)**

ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ସହାୟତା ଓ ମିଶନ ଶକ୍ତି ଆନୁକୂଲ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ପନିପରିବା ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଉପ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କୃଷି ବିଭାଗୀୟ ଅଧିକାରୀ ମାନସିଂ ସୋରେନ ଯୋଗ ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଇତିଶ୍ରୀ ପ୍ରିୟଦର୍ଶିନୀ, ବିଷ୍ଣୁପ୍ରିୟା ବେହେରା, ସୋନାଲି ସାହୁ ଓ ଶିବାନୀ ମହାନ୍ତ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଶିବିରରେ ରାଇରଙ୍ଗପୁର, ବହଳଦା ଏବଂ ତିରିଂ ବ୍ଲକ ଅଧୀନ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।


ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବାରିପଦା ଅଫିସ,୬।୧୧**

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ତରଫରୁ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୧୯ ବାରିପଦାସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହୋଇଛି। ଆଇନ କଲେଜର ଅଧକ୍ଷ ଡକ୍ଟର ସୁକାନ୍ତ କୁମାର ଦ୍ୱିବେଦୀ ଏହାକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ। ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଛି। ଉଦ୍‌ଘାଟନୀ ମ୍ୟାଚ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଏବଂ ଏଲ.କେ. କଲେଜ, ବାଙ୍ଗିରିପୋଷି ମଧ୍ୟରେ ଅନୁଷ୍ଠିତ ହେବା ପାଇଁ ପୂର୍ବରୁ ସ୍ଥିର କରାଯାଇଥିଲା କିନ୍ତୁ ଏଲ.କେ. କଲେଜ ବାଙ୍ଗିରିପୋଷି ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳିବା ପାଇଁ ନ ଆସିବାରୁ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟକୁ ଏକତରଫା ଭାବେ ବିଜୟୀ ଘୋଷିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ, ପଦାର୍ଥ ବିଜ୍ଞାନ ଅଧାପକ ମଦନ ମୋହନ ସାହୁ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାଶ, ସମାଜସେବୀ ଚନ୍ଦନ ସେଜପଡା, ଏମ.ସି.ଏ.ଏମ. କ୍ରିକେଟ କୋଚ ଅମିତାଭ ଦାସ, ଅମ୍ପାୟାର ସତ୍ୟନାରାୟଣ ଜୀଉ ଏବଂ ଦେବାଶିଷ ଗୁପ୍ତା, ପ୍ରୀତପାଲ ସିଂହ, ମନି ଲୋକନାଥ, ଅଧାପକ ରଞ୍ଜନ ତରେଇ, ବନମାଳୀ ବାରିକ, ଭକ୍ତ ସୋରେନ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ବଦଳିଲେ ମୟୂରଭଞ୍ଜ ଡିପିଏମ୍

**ବାରିପଦା ଅଫିସ,୬।୧୧**

ଜାତୀୟ ସ୍ୱାସ୍ଥ୍ୟ ମିଶନର ମୟୂରଭଞ୍ଜ ଜିଲା ପ୍ରୋଗ୍ରାମ ମ୍ୟାନେଜର (ଡିପିଏମ୍) ଅନିଲ କୁମାର ମହାନ୍ତିଙ୍କୁ ବାଲେଶ୍ୱର ଜିଲାକୁ ବଦଳି କରାଯାଇଛି। ବିଭାଗର ଚିଠି ନଂ.୧୨୮୯୪ ତା୫।୧୧।୨୦୧୯ ରିଖରେ ଏହି ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ତାଙ୍କ ସ୍ଥାନରେ ବାଲେଶ୍ୱର ଡିପିଏମ୍ ଭାବେ କାର୍ଯ୍ୟରତଥିବା ପ୍ରଭୁ ପ୍ରତ୍ୟନ୍ତ ପତିଙ୍କୁ ନିଯୁକ୍ତ କରାଯାଇଛି। ପ୍ରକାଶଥାଉ କି ମୟୂରଭଞ୍ଜ ଡିପିଏମ୍ କିଛିଦିନ ହେବ ବହୁ ବିବାଦରେ ଛନ୍ଦିହୋଇ ପଡ଼ିଥିଲେ। ବାରିପଦା ମେଡିକାଲ କଲେଜ ତଥା ଜିଲା ମୁଖ୍ୟ ଚିକିତ୍ସାଳୟର ସଫେଇ ଟେଣ୍ଡର ଓ ବିଭାଗୀୟ କାର୍ଯ୍ୟକ୍ରମଗୁଡିକରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନର ଏକ ଉଚ୍ଚସ୍ତରୀୟ ଟିମ୍ ବାରିପଦା ଗସ୍ତରେ ଆସିଥିବାବେଳେ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତି ଓ ଅନ୍ୟମାନେ ମହାନ୍ତିଙ୍କ ବିରୋଧରେ ଅଭିଯୋଗ କରିବା ସହିତ ତାଙ୍କ ବଦଳି ଦାବି କରିଥିଲେ।

# ଆନ୍ତଃ ରାଜ୍ୟ ସିନିୟର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ


ଟୁର୍ଣ୍ଣାମେଣ୍ଟରେ ଯୋଗଦେଇଥିବା ଫୁଟବଲ ଦଳ ଓ ଅତିଥିବୃନ୍ଦ।

**ଠାକୁରମୁଣ୍ଡା,୬।୧୧(ଡି.ଏନ୍.ଏ.)**

କରଞ୍ଜିଆ ଆଥଲେଟିକ ଆସୋସିଏଶନ ତରଫରୁ କରଞ୍ଜିଆ ଷ୍ଟାଡିୟମଠାରେ ବୁଧବାର ଆନ୍ତଃ ରାଜ୍ୟ ସିନିୟର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ ଦୁଃଖବନ୍ଧୁ ନାୟକ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଏବଂ ଝାଡଖଣ୍ଡ ରାଜ୍ୟରୁ ମୋଟ ୮ଟି ଫୁଟବଲ ଟିମ୍ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ ବନାମ ପଞ୍ଚସଖା ଫୁଟବଲ ଟିମ୍ ଯୋଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଝିଗାଁ ଟିମକୁ ୧-୦ ଗୋଲରେ ହରାଇ ପାଞ୍ଚଶଖା ଯୋଡ଼ା ଟିମ୍ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆସୋସିଏଶନର ଉପସଭାପତି ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ଗଜେନ୍ଦ୍ର ସାହୁ, କୋଷାଧକ୍ଷ ନଳିନୀ ଚନ୍ଦ୍ର ଘଣା ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ଣ୍ଣମୀରେ ବହଳଦା କୀଚକେଶ୍ୱରୀଙ୍କ ସୁନାବେଶ

**ବହଳଦା,୬।୧୧(ଡି.ଏନ୍.ଏ.)**

ଆସନ୍ତା କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବହଳଦାର ଅଧିଷ୍ଠାତ୍ରୀ ଦେବୀ ମା’ କୀଚକେଶ୍ୱରୀଙ୍କର ଦୁର୍ଲଭ ସୁନାବେଶ ଅନୁଷ୍ଠିତ ହେବ। ଏନେଇ ବାମନଘାଟୀ ଉପଜିଲାପାଳ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣମାଦିନ ବଡିସକାଳୁ ପୂଜକ ଆର୍ଯ୍ୟଶଙ୍କର ପାଣିଗ୍ରାହୀ ମା’ଙ୍କୁ କ୍ଷୀରରେ ସ୍ନାନ କରାଇବାପରେ ସ୍ୱର୍ଣ୍ଣ ଆଭୂଷଣରେ ସଜ୍ଜିତ କରିବେ। ସକାଳ ୭ଟାରୁ ଶ୍ରଦ୍ଧାଳୁଙ୍କ ଧାଡିଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯିବ। ଏହା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଓ ସୁବିଧାରେ ମା’ଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ ପ୍ରଶାସନ ଓ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବହଳଦା ତହସିଲଦାର ଦିବାକର ମାଝୀ, ରାଜପୁରୋହିତ ଅଶୋକ କୁମାର ସାମନ୍ତରାୟ, ସମ୍ପାଦକ ସତ୍ୟନାରାୟଣ ଦୀକ୍ଷିତ, ଅତନୁକୁମାର ମହାନ୍ତି, ଅମୀୟ କୁମାର ଦାଶ, ସମିତିସଭ୍ୟ ଶୁକଦେବ ସାହୁ ଓ ବହୁ ବ୍ୟବସାୟୀ,ବୁଦ୍ଧିଜୀବୀ, ଯୁବ ସଂଗଠକ ଯୋଗ ଦେଇଥିଲେ।

# ଉଦଳା ହସ୍ତତନ୍ତ କ୍ଲଷ୍ଟର ଉଦ୍‌ଘାଟିତ

**ଉଦଳା,୬।୧୧(ଡି.ଏନ୍.ଏ.)**

ଲୋପ ପାଇବାକୁ ବସିଥିବା ହସ୍ତତନ୍ତର ପୁନରୁଦ୍ଧାର ଉଦ୍ଦେଶ୍ୟରେ ଉଦଳା ବ୍ଲକ ଅଧୀନ ଚୁଳିଆପୋଷିଠାରେ ହସ୍ତତନ୍ତ କ୍ଲଷ୍ଟର ଉଦ୍‌ଘାଟିତ ହୋଇଛି। ସ୍ଫୂର୍ତ୍ତି ସଂସ୍ଥା ସମେତ ମଉନା ଧ୍ୱନି ଫାଉଣ୍ଡେଶନର ମିଳିତ ପ୍ରୟାସରେ ହସ୍ତତନ୍ତର ବିକାଶ ନିମନ୍ତେ ଏହି ପ୍ରୟାସ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେବ, ମହାରାଣୀ ରଶ୍ମୀ କୁମାରୀ, ଅକସିତା ଭଞ୍ଜଦେଓଙ୍କ ସମେତ ମଉନା ଧ୍ୱନି ଫାଉଣ୍ଡେଶନ ସଂସ୍ଥାର ମୁଖ୍ୟ ବିନ୍ଦୁ ବିନୋଦିନୀ ପ୍ରମୁଖ ଯୋଗଦେଇଥିଲେ। ମୟୂରଭଞ୍ଜର ସ୍ୱତନ୍ତ୍ର ପରିଚୟ ପାଲଟିଥିବା ତନ୍ତ ଶିଳ୍ପ ଦିନକୁ ଦିନ ଲୋପ ପାଇବାକୁ ବସିଛି । ଯାହାର ପୁନରୁଦ୍ଧାର ପାଇଁ ଦୀର୍ଘ ଏକବର୍ଷ ଧରି ଫାଉଣ୍ଡେଶନ ପକ୍ଷରୁ ଚେଷ୍ଟା କରାଯାଉଛି । କେବଳ ଚୁଳିଆପୋଷି ନୁହେଁ ଜିଲାର ବିଭିନ୍ନ ଗ୍ରାମରେ ଏହାର ବିକାଶ କରାଯିବ ବୋଲି ଫାଉଣ୍ଡେଶନର ମୁଖ୍ୟ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଚୁଳିଆପୋଷି, ଅସ୍ତିଆ, କରକଟିଆ, ସୁନାପାଳ ଅଞ୍ଚଳରୁ ଶତାଧିକ ମହିଳା ଏବଂ ପୁରୁଷ ତନ୍ତ କାରିଗର ଯୋଗ ଦେଇଥିଲେ।


ଅତିଥିମାନେ ହସ୍ତତନ୍ତ କ୍ଲଷ୍ଟର ଉଦ୍‌ଘାଟନ କରୁଛନ୍ତି।

# ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ନେଇ ବିଡିଓଙ୍କୁ ଦାବିପତ୍ର

**କୁଳିଅଣା,୬।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥ ବାଇଗଣବାଡ଼ିଆ ବସ୍‌ଷ୍ଟାଣ୍ଡ ଛକଠାରେ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏଥିନେଇ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ (ମାରିସା ସେନା)ର ଅଧକ୍ଷ ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ କୁଳିଅଣା ବ୍ଲକ ମୁଖ୍ୟ ଦପ୍ତର ଚାନ୍ଦୁଆଠାରେ ବିଡିଓଙ୍କୁ ଘେରାଉ କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ


ମାରିସା ସେନା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଇଗଣବାଡ଼ିଆ କଲେଜ ଛକ ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲା। ତେବେ ନିର୍ମାଣରେ ବିଳମ୍ବ ଯୋଗୁ ସ୍ଥାନୀୟ ଜନସାଧାରଣ ତଥା କଲେଜ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ମାରିସା ସେନା ପକ୍ଷରୁ କୁଳିଅଣା ବ୍ଲକ ବିଡିଓଙ୍କୁ ଘେରାଉ କରାଯିବା ସହିତ ୩ ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରାଯାଇଥିଲା। ନଚେତ୍ ଆଗାମୀ ଦିନରେ ମାରିସା ସେନା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମାରିସା ସେନା ପକ୍ଷରୁ ଶଙ୍କର ବାସ୍କେ, ଅଖାଇ ମୁର୍ମୁ, ମୋହନ ମୁର୍ମୁ, ଲାଖାନ ମାର୍ଣ୍ଡି, ବାଜି ମାର୍ଣ୍ଡି, ଆରଜୀ ହେମ୍ବ୍ରମ, ଦୁଃଖିଆ ହେମ୍ବ୍ରମ, ଟୁଣିଆ ମୁର୍ମୁ, ବସନ୍ତ ମାର୍ଣ୍ଡି, ଚନ୍ଦନ ସିଂ, ରାମଚନ୍ଦ୍ର ମାର୍ଣ୍ଡି, ସୁକୁଲାଲ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ନଭେମ୍ବର ୭/୨୦୧୯ | Balasore, Thursday, November 7/ 2019


## ସଂକ୍ଷେପରେ

### ବନ୍ଧୁକ ସହ ଶିକାରୀ ଗିରଫ


ଜବତ ବାର୍‌ହା ମାଂସ।

**ସଜନାଗଡ଼, ୬।୧୧ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ ନୀଳଗିରି ରେଞ୍ଜରେ ବନ୍ୟପ୍ରାଣୀଙ୍କ ଅବାଧ ଶିକାର ଜାରି ରହିଛି। ଜଙ୍ଗଲରୁ ଏକ ବାର୍‌ହା ଶିକାର କରାଯାଇଥିବା ସୂଚନାକୁ ଆଧାର କରି ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକ୍‌ଙ୍କ ନିର୍ଦ୍ଦେଶ କ୍ରମେ ମିତ୍ରପୁର ଫରେଷ୍ଟର ଗଣେଶ ପ୍ରସାଦ ଲେଙ୍କା, ଗାର୍ଡ଼ ଦୁଷ୍ମନ୍ତ ଜେନା, ଗାର୍ଡ଼ ବବିସ୍ମିତା ସାହୁ ଏବଂ ସବୁଜ ବାହିନୀ ସଦସ୍ୟ ମିତ୍ରପୁର ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ମହିଷାପଙ୍ଗା ଗ୍ରାମରେ ବୁଧବାର ଚଢାଉ କରି ସେଠାରୁ ୪ କେଜି ବାର୍‌ହା ମାଂସ ସହ ୪ଖଣ୍ଡ ଛାଲ, ପନିଖି ଓ ଏକ ଦେଶୀ ବନ୍ଧୁକ ଜବତ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ଶିକାରୀ ଶିବଶଙ୍କର ସିଂ (୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନୀଳଗିରି ରେଞ୍ଜର ଏକ ମାମଲା (ନଂ. ୨୧/୧୯) ରୁଜୁ ହୋଇଥିବା ଜଣାପଡିଛି।

### ସାପ କାମୁଡ଼ାରେ ଚାଷୀ ମୃତ

**ବଡ଼ସାହି,୬।୧୧(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତର ଯମୁନା ଗ୍ରାମରେ ବୁଧବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିରଞ୍ଜନ ସିଂ (୪୮)। ଅପରାହ୍ନରେ ଧାନ ବିଲକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ବାରିପଦା ଡ଼ାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ସାହି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# କ୍ରାଫ୍ଟ ଟୁରିଜିମ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

**କେନ୍ଦୁଝର, ୬।୧୧ (ସ୍ୱ.ପ୍ର.)**

ଘଟଗାଁ ବ୍ଲକ ଟେରାକୋଟା ଗ୍ରାମ ହଳଧରପୁରକୁ କ୍ରାଫ୍ଟ ଗ୍ରାମ ଭାବରେ ବିକଶିତ କରିବା ପାଇଁ ସରକାର ଘୋଷଣା କରିଛନ୍ତି। ଏହି ଗ୍ରାମକୁ ଯିବା ପାଇଁ ଜାତୀୟରାଜପଥ ୨୦ କଡରେ ଥିବା ଟେରାକୋଟା ଗ୍ରାମ ବାଟହରିଚନ୍ଦନପୁରରେ କ୍ରାଫ୍ଟ ଟୁରିଜିମ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏନେଇ ବୁଧବାର ଏକ କମିଟି ଉକ୍ତ ଅଞ୍ଚଳ ଯାଇ ଅନୁଧ୍ୟାନ କରିଛି। ଏହି କମିଟିରେ ହ୍ୟାଣ୍ଡଲୁମ, ଟେକ୍ସଟାଇଲ ଓ ହ୍ୟାଣ୍ଡିକ୍ରାଫ୍ଟ ବିଭାଗର ଯୁଗ୍ମ ସଚିବ ବି.କେ.ପତି ଓ ହସ୍ତକଳା ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ସନାତନ ନାୟକ ପରିଦର୍ଶନ କରିଛନ୍ତି। କେନ୍ଦୁଝର (ଡିଆଇସି )ଜେନେରାଲ ମ୍ୟାନେଜର କୃଷ୍ଣଚନ୍ଦ୍ର ନାୟକ, ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ


ସ୍ଥିତି ଅନୁଧ୍ୟାନ କରୁଛନ୍ତି ଗସ୍ତ କରିଥିବା ଦଳ।

ତଥା ଘଟଗାଁ ବିଡିଓ ଉପସ୍ଥିତ ଥିଲେ । ହଳଧରପୁର ହସ୍ତକଳା ଗ୍ରାମକୁ ନେଇ ବାଟହରିଚନ୍ଦନପୁର ଠାରେ ପର୍ଯ୍ୟଟକ ମାନଙ୍କ ପାଇଁ ଏକ କ୍ରାଫ୍ଟ ଟୁରିଜିମ ସେଣ୍ଟର ପ୍ରତିଷ୍ଠା କରାଯିବ। ଏଥିପାଇଁ ପାଖାପାଖି ୧ ଏକର ଜମି ଚିହ୍ନଟ କରାଯାଇଛି। ଏନେଇ ଭିତ୍ତିଭୂମିର ବିକାଶ କରିବା ପାଇଁ ୧ କୋଟି ଟଙ୍କା ଟଙ୍କା ଖର୍ଚ୍ଚ ହେବ । ଜିଲା ବାହରୁ ଆସିଥିବା ଦେଶବିଦେଶ ପର୍ଯ୍ୟଟକଙ୍କୁ ଟେରାକୋଟା ସାମଗ୍ରୀ ବିଷୟରେ ଅବଗତ କରିବା ସହ ଏହି ସାମଗ୍ରୀର ନିର୍ମାଣ କଳା ବିଷୟରେ ଅବଗତ କରିବା ପାଇଁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ସେହିପରି ଟେରାକୋଟା ସାମଗ୍ରୀ ର ପ୍ରଦର୍ଶନ ପାଇଁ ସେଠାରେ ଟ୍ରେନିଂ କମ ଡିସପ୍ଲେ ସେଣ୍ଟର ପ୍ରତିଷ୍ଠା କରାଯିବ। ସେଠାରେ ଟରୋକୋଟା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ସାମଗ୍ରୀ ବିକ୍ରି କରିବା ବ୍ୟବସ୍ଥା ରହିବ । ଟୁରିଷ୍ଟ ଗାଇଡ ନିଯୁକ୍ତି ହେବେ। ସେମାନେ ପର୍ଯ୍ୟଟକ ଙ୍କୁ ହଳଧରପୁର କଳାଗ୍ରାମକୁ ନେଇ ବୁଲାଇଦେଖାଇବେ । ଏହା ଛଡା ଆଖପାଖରେ ଥିବା ପର୍ଯ୍ୟଟନ କେନ୍ଦ୍ର ସମ୍ବନ୍ଧରେ ଅବଗତ କରାଇବା ସହ ସହାୟତା କରିବେ। ଏନେଇ ଡିଆଇସି ଜିଏମ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି ଯେ କ୍ରାଫ୍ଟ ଟୁରିଜିମ ର ବିକାଶ ପାଇଁ ଏଭଳି ପଦକ୍ଷେପ ନିଆଯାଉଛି । ଏହା ଦ୍ୱାରା ସ୍ଥାନୀୟ ଟେରାକୋଟା ଶିଳ୍ପୀମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀର ବିକ୍ରି କରି ଉପକୃତ ହୋଇପାରିବେ । ଏନେଇ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି ଯେ, ଜିଲାରେ ପ୍ରଥମ କରି ଟେରାକୋଟା କାରୁକାର୍ଯ୍ୟକୁ ପର୍ଯ୍ୟଟନର ମାନ୍ୟତା ଦେଇ ଅଧିକ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନିଆଯାଉଛି।

## ■ କାର୍ଯ୍ୟରେ ଅବହେଳା

# ବିଏଲଓ ନିଲମ୍ବିତ

**ବାଲେଶ୍ୱର ଅଫିସ, ୬।୧୧**

ଗତ ସେପ୍ଟେମ୍ବର ୧୫ରୁ ଆରମ୍ଭ କରାଯାଇଥିବା ଭୋଟର ପରିଚୟ ପତ୍ର ଯାଞ୍ଚ କାର୍ଯ୍ୟକ୍ରମ ଚଳିତ ମାସ ୧୮ତାରିଖ ସୁଦ୍ଧା ସାରିବାକୁ ସମୟସୀମା ନିର୍ଦ୍ଧାରିତ ହୋଇଛି। ଆସନ୍ତା ୨୫ ତାରିଖରେ ନୂତନ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ ମଧ୍ୟ ଘୋଷଣା କରିଛନ୍ତି। ଏଥିପାଇଁ ଜିଲାରେ ଭୋଟର ପରିଚୟ ଯାଞ୍ଚ କାର୍ଯ୍ୟକ୍ରମରେ ବହୁ ସରକାରୀ ଅଧିକାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି କାର୍ଯ୍ୟରେ ଅବହେଳା କରାଯାଇଥିବା ନେଇ ତନାଘନା ଆରମ୍ଭ ହୋଇଛି। ତଦନ୍ତ ପରେ ବୁଥ୍ ନଂ.୭ରେ କାର୍ଯ୍ୟ କରୁଥିବା ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ) ସୁକାନ୍ତି ମିଶ୍ରଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ଉପଜିଲାପାଳ ନୀଲୁ ମହାପାତ୍ର ନିଲମ୍ବିତ କରିଛନ୍ତି। ଏଥିସହ ନିୟୋଜିତ ୨୫ଜଣ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ ୨ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିପୂର୍ବରୁ କେତେକ କାର୍ଯ୍ୟରେ ଅନିୟମିତତା ନେଇ ତାଗିଦ

**୨୭ଜଣଙ୍କୁ କାରଣ ଦର୍ଶାଅ ନୋଟିସ**

କରାଯାଇଥିଲା। କିନ୍ତୁ ଏଥିରେ ଅବହେଳା କରାଯିବା କାରଣରୁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା କୁହାଯାଉଛି। କାର୍ଯ୍ୟରେ ଅବହେଳା କରିଥିବାରୁ ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତାହାର କୈଫିୟତ ୩ଦିନ ମଧ୍ୟରେ ଜଣାଇବାକୁ ଅନ୍ୟ କର୍ମଚାରୀଙ୍କୁ ନୋଟିସ ଜାରି କରାଯାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି।

## ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

# ଥାନାରେ ୨ ଅଭିଯୁକ୍ତ ଅଟକ

**ଚାନ୍ଦବାଲି, ୬।୧୧ (ଡି.ଏନ.ଏ.):** ଅପେରା ଦେଖି ଫେରୁଥିବା ବେଳେ ଗତ ସୋମବାର ଭୋର ସମୟରେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ପୋଲିସ ପୂର୍ବରୁ ଜଣଙ୍କୁ ଗିରଫ କରିଥିବାବେଳେ ବୁଧବାର ୨ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅଟକ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଧରିଥିବାବେଳେ ଅନ୍ୟ ଜଣେ ଥାନାରେ ଆତ୍ମସମର୍ପଣ କରିବାକୁ ଆସୁଥିବା ସମୟରେ ଧରା ହୋଇଥିବା କୁହାଯାଉଛି। କିନ୍ତୁ ପୋଲିସ ଏନେଇ କିଛି ସ୍ପଷ୍ଟ କରିନାହିଁ। ଅଟକ ଦୁଇଜଣଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରାଯିବାର ଯୋଜନା ଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଧରାପଡ଼ି ନ ଥିବାରୁ ଏହା ବିଳମ୍ବ ହୋଇଥିବା ଜଣାଯାଇଛି। ଜିଲା ଏସ୍‌ପି ରାଜେଶ ପଣ୍ଡିତ ଚାନ୍ଦବାଲିରେ ଉପସ୍ଥିତ ରହିଛନ୍ତି। ଜିଲାର ବିଭିନ୍ନ ଥାନାର ବଛା ବଛା ପୋଲିସକୁ ନେଇ ଗଠିତ ଟିମ୍ ଘଟଣାର ତଦନ୍ତ କରୁଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଖୋଜା ଚାଲିଛି। ଅଟକ ଦୁଇଜଣଙ୍କୁ ତଦନ୍ତକାରୀ ଦଳ ପଚରାଉଚୁରା କରୁଛନ୍ତି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଚାନ୍ଦବାଲିର କେତେକ ସ୍ଥାନରେ ଅଧିକ ପୋଲିସ ମୁତୟନ କରାଯାଇଛି।

## ଆହାରକେନ୍ଦ୍ରରେ ବୃଦ୍ଧାଙ୍କୁ ଛାଡ଼ିଯିବା ଘଟଣା

# ଡାକ୍ତରଖାନାରେ ଭେଟିଲେ ପରିବାର ଲୋକ

**ଚାନ୍ଦବାଲି, ୬।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଆହାରକେନ୍ଦ୍ରରେ ବୃଦ୍ଧା ମା'ଙ୍କୁ ଛାଡ଼ି ଚାଲିଯିବା ଘଟଣାରେ ବୁଧବାର ସକାଳେ ବୃଦ୍ଧାଙ୍କ ପରିବାର ଲୋକ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ବୃଦ୍ଧା ଜଣଙ୍କ ସୋମବାର ସନ୍ଧ୍ୟାରୁ ସ୍ଥାନୀୟ ପ୍ରଶାସନ ସହଯୋଗରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ଓ ଗଣମାଧ୍ୟମରେ ଖବର ପ୍ରଚାରିତ ହେବା ପରେ କେନ୍ଦ୍ରାପଡ଼ାରୁ ବୃଦ୍ଧାଙ୍କ ପୁଅ, ବୋହୂ ଓ ଦୁଇ ନାତି ଚାନ୍ଦବାଲିକୁ ଆସି ଡାକ୍ତରଖାନାରେ ତାଙ୍କୁ ଭେଟିଥିଲେ। ଚାନ୍ଦବାଲି ତାଲୁକସ୍ତରୀୟ ଆଇନ ପ୍ରାଧିକରଣ ପକ୍ଷରୁ ପାରାଲିଗାଲ ଭଲ୍ୟୁଣ୍ଟର ଏହି ଘଟଣାରେ ବୃଦ୍ଧାଙ୍କ ପକ୍ଷରୁ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାବେଳେ ବୃଦ୍ଧାଙ୍କୁ ମାଗଣା ଆଇନ ସହାୟତା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।


ଚାନ୍ଦବାଲି ଡାକ୍ତରଖାନାରେ ବୃଦ୍ଧାଙ୍କ ନିକଟରେ ପୁଅ ବୋହୂ।

ଉଲ୍ଲେଖନୀୟ ଯେ, ମଙ୍ଗଳବାର ସନ୍ଧ୍ୟାରେ ବିଚାରପତି ସୁନିତା ରାଉତ ଚାନ୍ଦବାଲି ଡାକ୍ତରଖାନାରେ ପହଞ୍ଚି ବୃଦ୍ଧାଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ବୃଦ୍ଧାଙ୍କୁ ମାଡ଼ ମାରିବା ଓ ଚାନ୍ଦବାଲି ଆହାରକେନ୍ଦ୍ର ବାରଣ୍ଡାରେ ଛାଡ଼ି ଦେଇଯିବା ଘଟଣାକୁ ପୁଅ ଓ ବୋହୂ ଅସ୍ୱୀକାର କରିଛନ୍ତି। ମା' ପୁଅ ଯାତ୍ରା ଦେଖିବାକୁ ଚାନ୍ଦବାଲି ଆସିଥିଲେ ଓ ମେଳାରେ ଭିଡ଼ରେ ମା' ହଜିଯାଇଥିଲେ ବୋଲି ସେମାନେ ସଫେଇ ଦେଇଥିଲେ। ଚାନ୍ଦବାଲି ମେଡ଼ିକାଲରେ ବୃଦ୍ଧାଙ୍କ ପୁଅ, ବୋହୂ ଓ ନାତି ପହଞ୍ଚିବା ପରେ ସ୍ଥାନୀୟ ଲୋକ ପରିବାର ଲୋକଙ୍କ ସହ ତାଙ୍କୁ ଛାଡ଼ିବାକୁ ରାଜି ହୋଇ ନ ଥିଲେ। ଗୁରୁବାର ଲେଖାପଢ଼ା ହେଲା ପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

